# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



ଜଳେଶ୍ୱର ବ୍ଲକ, ୨୧।୨ (ସମିସ) : ବୁଧବାର ଅପରାହ୍ନରେ ସୁନିଲ କୁମାର ନାୟକଙ୍କ ସ୍ୱବାସଭବନ ପରିସରରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କ ପୌରୋହିତ୍ୟରେ ୨୬ ତମ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପରିପାଳିତ ହୋଇଯାଇଛି । ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ସମ୍ପାଦକ କମଳ ଚକ୍ରବର୍ତ୍ତୀ ଓଡ଼ିଆ ଭାଷାର ଐତିହ ଓ ଗୌରବ ସମ୍ପର୍କରେ ଅନୁସ୍ମରଣୀୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ଭଞ୍ଜ ଓଡ଼ିଆ ଭାଷାର ବାସ୍ତବ ଜୀବନରେ ପ୍ରୟୋଗ ଉପରେ ତାଙ୍କର ଅଭିବ୍ୟକ୍ତି ବାଢ଼ିଥିଲେ । ଭାଷାବିତ୍ ଡ. ନୀଳକଣ୍ଠ ଖଣ୍ଡା ଓଡ଼ିଆ ଭାଷାର ପ୍ରାଚୀନତା ଓ ଭାଷାର ଉଦାରତା ସମ୍ପର୍କରେ ପ୍ରାମାଣିକ ତଥ୍ୟ ଆଧାରିତ ଭାଷାତାତ୍ତ୍ୱିକ ଆଲୋଚନା କରିଥିଲେ । ଇତିହାସ ପି.ଜି.ଟି. ଶ୍ରୀମାନ ସୌମ୍ୟ କୁମାର ପ୍ରଧାନ ଓଡ଼ିଆ ଭାଷା ଓ ଓଡ଼ିଶାର ଅସ୍ମିତା ସମ୍ପର୍କରେ ଐତିହାସିକ ଆଲୋଚନା କରିଥିବା ବେଳେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପିକା ସୁଷମାରାଣୀ ଭୂୟାଁ ଓଡ଼ିଆ ଭାଷାର ଶବ୍ଦତାତ୍ତ୍ୱିକ ଗୁରୁତ୍ୱ, ବର୍ଣ୍ଣବୋଧର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସଭାପତି ଡକ୍ଟର ଶ୍ରୀକାନ୍ତ ଚରଣ ପାତ୍ର ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଇତ୍ୟାଦିରେ ବସବାସ କରି ଆସୁଥିବା ଓଡ଼ିଆ ମାନଙ୍କର ଭାଷାପ୍ରୀତି ସମ୍ପର୍କରେ ଉଦବେଗ ପ୍ରକାଶ କରିଥିଲେ । ଅବସରପ୍ରାପ୍ତ ଅଧ୍ୟକ୍ଷ ବିପିନ ବିହାରୀ ବିଶ୍ୱାଳ, ମନୋରଞ୍ଜନ ଦାସ ପ୍ରମୁଖ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଦୀନକୃଷ୍ଣ ଦାସଙ୍କ ସମ୍ପର୍କରେ କୌଣସି ଆଲୋଚନା ହୋଇ ନ ଥିବା ସମ୍ପର୍କରେ କ୍ଷୋଭ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ କମଳାକାନ୍ତ ଚନ୍ଦ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡକ୍ଟର ରଜନୀକାନ୍ତ ଭୂୟାଁ, ପ୍ରାକ୍ତନ ପ୍ରାଧ୍ୟାପକ ଶ୍ୟାମାଚରଣ ଦାସ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ପରିଡ଼ା, ସାମ୍ବାଦିକ ସୁକୁମାର ରଣା, ସାମ୍ବାଦିକା ଆରତୀ ଦାସ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ଗିରି, ସମ୍ପାଦକ ସୁନିଲ କୁମାର ନାୟକ, ଅମ୍ରିତା ଗିରି ପ୍ରମୁଖ ଉପାଦେୟ ବକ୍ତବ୍ୟ ରଖିଥିବା ବେଳେ ଉପସଭାପତି ଅଶୋକ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମାକିଡ଼ିଆରେ ବୁଣାକାର ସଚେତନତା ଶିବିର



ରାଇବଣିଆ, ୨୧।୨(ସମିସ୍) : ଅଶ୍ରୁମୋଚନ ଘୋଷ, ମାକିଡ଼ିଆର ଟସର ବସ୍ତ୍ର ସମଗ୍ର ରାଜ୍ୟ ଓ ଦେଶ ସହିତ ସାରା ବିଶ୍ୱରେ ପରିଚୟ ସୃଷ୍ଟି କରୁଛି । ମାକିଡିଆ ଠାରେ ଟସରରେ ନିର୍ମିତ ଲୁଗା, ଗାମୁଛା, ପାଲା ଦେଶ ବିଦେଶରେ ଲୋକପ୍ରିୟତା ଅର୍ଜନ କରିପାରିଛି, ଦେଶର ଖ୍ୟାତିସମ୍ପନ୍ନ ।ବ୍ୟକ୍ତି ମାନଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ପର୍ଯ୍ୟନ୍ତ ମାକିଡିଆ ଟସର ନିର୍ମିତ ବସ୍ତ୍ର ପରିଧାନ କରିଛନ୍ତି । ଏହି ଟସର ସମିତି ଟି ୧୯୫୫ ମସିହାରେ ବରିଷ୍ଠ ରାଜନେତା ପୂର୍ବତନ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସମରେନ୍ଦ୍ର କୁଣ୍ଡୁ ପ୍ରଚେଷ୍ଟା ବଳରେ ନିର୍ମିତ ହୋଇ ଥିଲା । ଆଜି ଏହି ମାକିଡିଆ ଟସର ସମବାୟ ସମିତିର ପଞ୍ଜୀକୃତହୋଇ ଥିବା ପାଖାପାଖି୩୨୭ ବୁଣାକାର ପରିବାରଙ୍କ ମୁଖରେ ହସ ଫୁଟାଇବା ପାଇଁ ଯାଉଛି, ଓଡ଼ିଶା ସରକାରଙ୍କ ପକ୍ଷରୁ ବୁଣାକାର ମାନଙ୍କୁ ମାସିକ ୨୦୦୦ ହଜାର ଟଙ୍କା ଓ ୮୦ ବର୍ଷରୁ ଉର୍ଦ୍ଧ ବୟସ୍କଙ୍କୁ ୨୫୦୦ଶହ ଟଙ୍କା ଲେଖ୍ୟାଏ ଭତ୍ତା ପଇବେ ସେଥି ପାଇଁ ବୁଣାକାର ପରିବାର ମାନଙ୍କୁ ନେଇ ମାକିଡିଆ ହାଟ ପଡ଼ିଆ ଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଅଛି । ଏଥିରେ ସଭା ପରିଚାଳନା କରିଥିଲେ ମାକିଡିଆ ଟସର ସମବାୟ ସମିତିର ସମ୍ପାଦକ ଶଶାଙ୍କ ଶେଖର ଦାସ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାଲେଶ୍ୱର ସହ କାରୀ ବୟନ ଶିଳ୍ପ ନିର୍ଦ୍ଦେଶିକା ପଦ୍ମସିନୀ ସାହୁ, ଉପ ସହକାରୀ ନିର୍ଦ୍ଦେଶକ ଦାମୋଦର ମହାରଣା, ବୟନତତ୍ତ୍ୱାବଧାରକ ନମିତା ଦାସ, ବୈଷୟିକ ସହାୟିକା ସୌମ୍ୟ ସେଫିକା ସ୍ୱାଇ, ବୈଷ୍ଣବୀ ଦାସ, ସାବିତ୍ରୀ ଦାସ, ଜଳେଶ୍?ର ବ୍ଲକ ବି ଡି.ଓ ପୁନମ୍ କୁମାର ରାଉତ, ଜଳେଶ୍ୱର ବ୍ଲକ ଉପାଧ୍ୟକ୍ଷ । ସଞ୍ଜିତା ସେନାପତି, ମାକିଡିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରିୟା ଘୋଷ, ପୂର୍ବତନ ସରପଞ୍ଚ କି ଚନ୍ଦନ ସାହୁ, ସମିତିର ସଭାପତି ସୁଶ୍ରି କାଞ୍ଚନଲତା ଚନ୍ଦ, ନିମାୟ ଚରଣ ଘୋଷ ପ୍ରମୁଖ ଉପସ୍ଥିତ ରହି ଥିଲେ ଓ କିପରୀ ବୁଣାକାର ପରିବାର ଏଥିରୁ ଲାଭ ଉଠାଇ ପାରିବେ ସେ ନେଇ ବିସ୍ତୃତ ଭାବରେ ଲୋକ ମାନଙ୍କୁ ବୁଝାଇ ଥିଲେ ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ବାଲେଶ୍ୱର, ୨୧।୨(ସମିସ): ବାଲେଶ୍ୱର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ଦିନ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହେଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରମୁଖ୍ୟା ନୀଳିମା ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଚାର୍ଯ୍ୟା ସୁନିତା ମାଇତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଡ. ତାନଶ୍ରୀ ପାଣିଗ୍ରାହୀ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ନିଜର ବକ୍ତବ୍ୟ ରଖିଥିଲା ବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ଉପେନ୍ଦ୍ର ନାଥ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ମାତୃଭାଷା ଯେକୌଣସି ଜାତିର ପରିଚୟ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପିଲା ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହେଇଥିଲା । କୃତି ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛି ଘରୋଇ ସ୍କୁଲ

# ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା

ବାହାନଗା, ୨୧।୨(ସମିସ) :



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଜୁଣିଆ ଜାଗେଶ୍ୱରପଦା ସ୍ଥିତ କେସିଏ ପବ୍ଲିକ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ । ଆସନ୍ତାକାଲି ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଥିବା ବେଳେ ୪ ଛାତ୍ରଛାତ୍ରୀଙ୍କ ଆଡ଼ମିଟ କାର୍ଡ ମିଳିନଥିବା ବେଳେ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ସ୍କୁଲ ଫାଟକରେ ତାଲା ପକାଇ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି । ଧାରଣାସ୍ଥଳରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାହାନଗା ତହସିଲଦାର ଏବଂ ଗୋପାଳପୁର ଥାନା ପୁଲିସ ପହଞ୍ଚି ଥିବା ବେଳେ ଧାରଣାରତ ଜଣେ ଛାତ୍ର ଅସୁସ୍ଥ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି ।

ଖବର ଅନୁସାରେ, କେସିଏ ପବ୍ଲିକ ସ୍କୁଲରେ ନର୍ସରୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ (ସିବିଏସଇ) ରହିଛି । ଚଳିତ ବର୍ଷ ଏହି ସ୍କୁଲରେ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି । ଗତ ୫ ତାରିଖରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହୋଇଥିଲା । ସେହିପରି ଆସନ୍ତାକାଲି ଠାରୁ ମୁଖ୍ୟ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ସୋର ସ୍ଥିତ ସେଣ୍ଟ ଜାଭିୟର ସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଛି । ହେଲେ ୭୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ଆଡ଼ମିଟ କାର୍ଡ ମିଳିଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ଭୁଲ ପାଇଁ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ଅଧ୍ୟୟନ କରୁଥିବା ସୋର ଅଞ୍ଚଳର ସତ୍ୟ ନାରାୟଣ ପାତ୍ରଙ୍କ ଝିଅ ସାଇ ସିମରନ, ବାଲେଶ୍ୱରର ଅଭୟ କୁମାର ଶତପଥିଙ୍କ ପୁଅ ଅନୁରାଗ, ବାଲେଶ୍ୱର ଅଞ୍ଚଳର ଅଶୋକ ପାତ୍ରଙ୍କ ପୁଅ ଅନୁରାଗ ପାତ୍ର, ଙ୍କ ସହ ଭୂମିକା ପଟ୍ଟନାୟକ ଙ୍କର ଆଡ଼ମିଟ କାର୍ଡ ଆସିନଥିଲା । ପ୍ରାକ୍ଟିକାଲ ପରୀକ୍ଷା ସମୟରେ ଅଲଗା ଭାବେ ଏହି ୪ ଜଣଙ୍କର ପରୀକ୍ଷା ହୋଇଥିବା ବେଳେ ୧୫ ମିନିଟ ପାଇଁ ଏକ ରୋଲ ନଂ ଦିଆଯାଇଥିଲା । ପରେ ଏହି ରୋଲ ନଂ ଭୁଲ ବୋଲି ଅଭିଭାବକ ମାନେ ସନ୍ଦେହ କରି ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଆଣିଥିଲେ । ସ୍କୁଲ କର୍ତ୍ତୃପକ୍ଷ ଛୁଆ ପରୀକ୍ଷା ଦେଇଛନ୍ତି, କାଗଜପତ୍ରର ସମସ୍ୟା ପାଇଁ ଆଡ଼ମିଟ କାର୍ଡ ବାହାରିନାହିଁ ଫାଇନାଲ ପରୀକ୍ଷା ପୂର୍ବରୁ ଆଡ଼ମିଟ କାର୍ଡ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଆସନ୍ତାକାଲି ଫାଇନାଲ ପରୀକ୍ଷା ଥିବାରୁ ଏହି ୪ ଛାତ୍ରଛାତ୍ରୀ ଆଡ଼ମିଟ କାର୍ଡ ନପାଇ ଆଜି ଅଭିଭାବକଙ୍କ ସହ ଆସି ସ୍କୁଲ ରେ ପହଞ୍ଚିଥିଲେ । ସ୍କୁଲ କର୍ମଚାରୀ ବୁଝିବା ପରିବର୍ତ୍ତେ ଅଭିଭାବକଙ୍କୁ ଦୁର୍ବ୍ୟବହାର କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଅଭିଭାବକ ମାନେ ଦିନ ୧୧ ଘଟିକା ଠାରୁ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସି ରହିଛନ୍ତି । ମଧ୍ୟାହ୍ନ ସମୟରେ ସ୍କୁଲ ଛୁଟି ହୋଇଥିବା ସମୟରେ ଫାଟକରେ ତାଲା ପଡ଼ିବା କାରଣରୁ ଛାତ୍ରଛାତ୍ରୀ ବାହାରକୁ ଯାଇପାରି ନଥିଲେ । ଗୋପାଳପୁର ପୋଲିସର ହସ୍ତକ୍ଷେପ ପରେ ଛାତ୍ରଛାତ୍ରୀ ମାନେ ଘରକୁ ଫେରିଥିଲେ । ହେଲେ ଆଡ଼ମିଟ କାର୍ଡ ପାଇବାରୁ ବଞ୍ଚିତ ଧାରଣାରତ ଅଭିଭାବକ ଏବଂ ଛାତ୍ରଛାତ୍ରୀ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଛାଡିନଥିବା ବେଳେ ତାଲା ପକାଇ ଧାରଣାରେ ବସିରହିଛନ୍ତି । ଧାରଣାସ୍ଥଳରେ ଧାରଣାରତ ଛାତ୍ର ଅନୁରାଗ ଶତପଥୀ ଅସୁସ୍ଥ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିବାର ସୂଚନା ମିଳିଛି । ଖବର ପାଇ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ ଘଟଣାସ୍ଥଳରେ ବାହାନଗା ତହସିଲଦାର ସସ୍ମିତା ମୁର୍ମୁ, ଗୋପାଳପୁର ଥାନା ପୋଲିସ ସମେତ ବାହାନଗା ଅତିରିକ୍ତ ବ୍ଲକଶିକ୍ଷାଅଧିକାରୀ ରୋହିଆ ଟୁଡୁ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଆଡ଼ମିଟ କାର୍ଡ ନମିଳିବା ପର୍ଯ୍ୟନ୍ତ ଉଠିବେ ନାହିଁ ବୋଲି ଅଭିଭାବକ ଏବଂ ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ପାଖରୁ ମୋଟା ଅଙ୍କର ଟଙ୍କା ନେଉଥିବା ବେଳେ ସିବିଏସଇ ବୋର୍ଡ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଆନୋରଲମେଣ୍ଟ ଆପ୍ରଭ ହୋଇଛି କି ନାହିଁ ତାହା ସ୍ପଷ୍ଟ ଜଣାପଡ଼ିନାହିଁ । କର୍ତ୍ତୃପକ୍ଷ ପରୀକ୍ଷା ପାଇଁ ଫର୍ମ ଫିଲପ କରାଇଥିଲେ ସୁଦ୍ଧା ଆଡ଼ମିଟ କାର୍ଡ ବୋର୍ଡରୁ ନ ଆସିବା, ପ୍ରାକ୍ଟିକାଲ ପରୀକ୍ଷା ବେଳେ ଦିଆଯାଇଥିବା ରୋଲ ନଂ ମିଛ ବୋଲି ଛାତ୍ରୀଙ୍କ ମାଆ ମନୋରମା ପାତ୍ର ସନ୍ଦେହ କରିଛନ୍ତି । ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ସ୍କୁଲ ବିରୁଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଖବର ଲେଖାହେବା ବେଳକୁ ସ୍କୁଲ କର୍ତ୍ତୃପକ୍ଷ ସ୍କୁଲରେ ଅଟକ ଥିବା ବେଳେ ଧାରଣା ଜାରି ରହିବା ସହ ଉତ୍ତେଜନା ଲାଗି ରହିଥିବା ଜଣାପଡ଼ିଛି ।

ଏ ନେଇ ଅଭିଭାବକ ମାନେ ଗୋପାଳପୁର ଥାନାରେ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ଅନ୍ୟପଟେ କେସିଏ ପବ୍ଲିକ ସ୍କୁଲର ଚେୟାରମ୍ୟାନ ଅଶୋକ ଖଣ୍ଡେଲୱାଲ ଦିଲ୍ଲୀର ସିବିଏସଇ ବୋର୍ଡ କାର୍ଯ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ପରୀକ୍ଷା ପାଇଁ ଆଡ଼ମିଟ କାର୍ଡ ମିଳିବା ଦିଗରେ ଚେଷ୍ଟା ଜାରି ରଖିଥିବା ଜଣାପଡ଼ିଛି ।

# ସ୍କୁଟି ସହ ଦେଶୀମଦ ଜବତ, ଦୁଇ ଗିରଫ



ସୋର, ୨୧।୨(ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ଅନନ୍ତପୁର ବଜାର ଏବଂ ବରଫକଳ ଛକରେ ଚଢ଼ାଉ କରାଯାଇ ଦୁଇ ସ୍କୁଟି ସହ ଦେଶୀମଦ ଜବତ କରିଥିବା ବେଳେ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଡେପୁଟି କମିଶନର ରାମଚନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଣ୍ଡେଣ୍ଟ ଅଳକା ସୁନାଙ୍କ ତତ୍ତ୍ୱାବଧାନରେ ଆଇଆଇସି ଧିରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଆଜି ସକାଳେ ଅନନ୍ତପୁର ବଜାର ନିକଟରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ବାଲେଶ୍ୱରରୁ ସୋର ଅଭିମୁଖେ ଆସୁଥିବା ଏକ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ପରେ ସେଥିରେ ୩୫ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ସ୍କୁଟି ସହ ମଦକୁ ଜବତ କରି ଅନନ୍ତପୁର ଗ୍ରାମର ବାଙ୍କୁଧର ପରିଡ଼ାକୁ ଗିରଫ କରିଥିଲେ । ସେହିପରି ବରଫକଳ ଛକରେ ଚଢ଼ାଉ କରି ପୁରୁଣା ବାଲେଶ୍ୱରରୁ ସୋର ଆସୁଥିବା ସ୍କୁଟିକୁ ଅଟକାଇ ଯାଞ୍ଚ କରିବା ପରେ ସ୍କୁଟି ସହ ୫୦ ଲିଟର ଦେଶୀମଦ ଜବତ କରି ପୁରୁଣା ବାଲେଶ୍ୱର ଗ୍ରାମର ଟିଟୁ ବେହେରାକୁ ଗିରଫ କରିଥିଲେ । ଅପରାହ୍ଣରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ ଥବୀର ପଟ୍ଟନାୟକ, କିଶୋର ରାଉତ, କନେଷ୍ଟବଳ ରାଜେଶ କିଷାନ, ବସନ୍ତ ମଲ୍ଲିକ, ସୁମିତ୍ରା ସାମଲ ଓ ଜଗନ୍ନାଥ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

# ସୁଲତାନପୁରରେ ଭ୍ରାମ୍ୟମାଣ ଅଦାଲତ



ବାଲେଶ୍ୱର(ଉତ୍ତର)/ଚୌକି, ୨୧।୨(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ସୁଲତାନପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭ୍ରାମ୍ୟମାଣ ଅଦାଲତ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୋଗରାଇ ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟଧିକାରିଣୀ ସମାପିକା ସମଦର୍ଶିନୀ ଯୋଗଦେଇ ଅଧ୍ୟକ୍ଷତା କରିବା ସହିତ ମାମଲା ଗୁଡିକର ଫଇସଲା କରିଥିଲେ । ଗ୍ରାମାଞ୍ଚଳରେ ଥିବା ଦୁର୍ବଳ ଶ୍ରେଣୀ ଓ ସାଧାରଣ ଲୋକଙ୍କ ପାଖରେ ତ୍ୱରିତ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବା ବେଳେ ଆଜିର ଏହି ଅଦାଲତରେ ସରକାରୀ ଓକିଲ ମୃତ୍ୟୁଞ୍ଜୟ ପ୍ରଧାନ, ବରିଷ୍ଠ ଆଇନଜୀବୀ ଜୟକୃଷ୍ଣ ମହାନ୍ତି, ମଦନମୋହନ ପଣ୍ଡା, ରମଣୀ ଦଣ୍ଡପାଟ୍ ପ୍ରମୁଖ ଉପସ୍ଥିତ ରହି ୮ ଟି ମାମଲାର ଆପୋଷ ବୁଝାମଣା ସହିତ ଫଇସଲା କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁଲତାନପୁର ପଞ୍ଚାୟତର ସରପଞ୍ଚ ଅଶୋକ କୁମାର ଜେନା, ସମିତି ସଦସ୍ୟ ଶୀର୍ଷେନ୍ଦୁ ମହାନ୍ତି, ପୂର୍ବତନ ସରପଞ୍ଚ କାହ୍ନୁ ଚରଣ ସାହୁ, ରଶ୍ମିରେଖା ମହାନ୍ତି, ସମାଜସେବୀ ରତନ କୁମାର ସାମଲ, ଧନଞ୍ଜୟ ଦାସ, ଅଜିତ କୁମାର ଜେନା, କାର୍ତ୍ତିକ ଚନ୍ଦ୍ର ମହାନ୍ତି, ସୁଦର୍ଶନ ସାହୁ, ମନୋରଞ୍ଜନ ଜେନା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁଧୀର ମହାନ୍ତି, ଯାଦବ ପାଣିଗ୍ରାହୀ, ଅବନୀ କର, ପଙ୍କଜ ଜେନା, ଅଶୋକ ଜେନା, ଶ୍ରୀମନ୍ତ ପଣ୍ଡା, ରଜନୀ ଜେନା, ରବୀନ୍ଦ୍ର ପ୍ରଧାନ, ଅଶୋକ ପ୍ରଧାନ ଉପସ୍ଥିତ ଥିଲେ । ପଞ୍ଚାୟତ ସ୍ତରୀୟ ସଂଘର ଏମବିକେ ସୁମିତ୍ରା ମହାପାତ୍ର, ସଭାନେତ୍ରୀ ଅପରାଜିତା ପ୍ରଧାନ, ସମ୍ପାଦିକା ଗାୟତ୍ରୀ ଜେନାଙ୍କ ସମେତ ଜିପିଏଲ୍ଏଫର ସମସ୍ତ କାର୍ଯ୍ୟକାରୀ ସଦସ୍ୟା ଓ ସିଆରପି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ସୋର, ୨୧।୨(ସମିସ): ସୋର ପୌରପାଳିକା ଅନ୍ତର୍ଗତ ଖରିଦା ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଦଫା ଦାବି ନେଇ ଆଗ୍ନିକ, ମୁଖ୍ୟ ଆଗ୍ନିକ, ଆଗ୍ନିକ ଗାଡି ଚାଳକ ଓ ଡ୍ରାଇଭର ହାବିଲଦାର ମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଛନ୍ତି । ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଙ୍ଘର ସରକାରୀ ପଞ୍ଜିକରଣ ଏବଂ ଆଗ୍ନିକ, ଅଗ୍ନିକ ଗାଡିଚାଳକ, ହାବିଲଦାର (ମୁଖ୍ୟ ଆଗ୍ନିକ, ଡ୍ରାଇଭର ହାବିଲଦାର )ଙ୍କ ପୂର୍ବପରି ଓଡ଼ିଶା ପୁଲିସ ସିପାହୀ ଓ ହାବିଲଦାରଙ୍କ ଦରମା ଲେବୁଲ ଓ ଭତ୍ତା ସହ ସମାନ କରିବା ଆଦି ଦୁଇଟି ଦାବି ନେଇ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ମାନଙ୍କର ୧୩ ଗୋଟି ପଦବୀ ସ୍ତରରୁ ୧୧ ଗୋଟି ସ୍ତରରେ ଓଡ଼ିଶା ପୁଲିସ କର୍ମଚାରୀ ମାନଙ୍କ ଭଳି ଦରମା ପ୍ରଦାନ କରାଯାଉଥିବା ସ୍ଥଳେ ଦୁଇ ଗୋଟି ସ୍ତରର କର୍ମଚାରୀ ମାନେ କମ ଦରମା ପାଉଛନ୍ତି ।ଫଳରେ ସମାନ ଦରମା ଦାବି କରି ଗତବର୍ଷ ଡିସେମ୍ବର ମାସରୁ କଳାବ୍ୟାଜ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କାର୍ଯ୍ୟ କରୁଛନ୍ତି । ପୁଣି ଜାନୁଆରୀ ୨୨ ତାରିଖରୁ ସପରିବାରେ ଏକ ଓଳି ଖାଦ୍ୟ ଗ୍ରହଣ କରି ଏକ ଓଳି ଉପାସ ରହି କାର୍ଯ୍ୟ କରିବା ସହିତ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରୁଛନ୍ତି । କିନ୍ତୁ ସରକାର ଏହି ଦାବୀ ପ୍ରତି କର୍ଣ୍ଣପାତ ନ କରିବାରୁ ଆଜି ଠାରୁ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଆଗ୍ନିକ ମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି ।

# ବାଲିଆପାଳରେ ସାଂସଦ ଖେଳ ମହାକୁମ୍ଭ ଉଦ୍‌ଘାଟିତ



ବଳରାମପୁର, ୨୧।୨ (ସମିସ) :

ବାଲେଶ୍ୱର ଜିଲ୍ଲା ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିସରରେ ବୁଧବାର ସାଂସଦ ଖେଳ ମହାକୁମ୍ଭ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସାଂସଦ ଖେଳ ମହାକୁମ୍ଭ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଖେଳକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି ବକ୍ତବ୍ୟରେ ଖେଳ ଶିକ୍ଷାର ବିଚ୍ଛେଦ ଅଙ୍ଗ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବରେ ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ଦେ, ସମ୍ମାନିତ ଅତିଥି ଭାବରେ ସାଂସଦ ପ୍ରତିନିଧି ମହେଶ୍ୱର ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ କମିଟିର ସମ୍ପାଦକ ଶ୍ରୀକାନ୍ତ ମିଶ୍ର ମଞ୍ଚାସିନ ହେବା ସହିତ ମୁଖ୍ୟଅତିଥି ଶ୍ରୀ ଷଡ଼ଙ୍ଗୀଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ଶିକ୍ଷକ ସୁଶାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରା, ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦିକା ମାଳତୀ ନାୟକ, ବାଲିଆପାଳ ମଣ୍ଡଳ ସଭାପତି କମଳ ଲୋଚନ ଦତ୍ତ, ଲଙ୍ଗଳେଶ୍ୱର୍ ମଣ୍ଡଳ ସଭାପତି ଗଗନ ସାହୁ, ଖପରାପଦା ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ, ପ୍ରଦୀପ ସି ଙ୍କ ସହିତ ବହୁ ନେତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କବାଡି ଖେଳ ରେ ୧୦ ଟି ଦଳ, ଭଲିବଲ ରେ ୮ ଟି ଦଳ, ଖୁକୁ ଖେଳରେ ୪ଟି ଦଳ ଭାଗ ନେଇଥିବା ବେଳେ, ଦୌଡ ପ୍ରତିଯୋଗୀତାରେ ୫୦ ରୁ ଅଧିକ ଜୁନିୟର ଓ ସିନିୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହା ସହିତ କ୍ରିକେଟ ଓ ଫୋଟବଲ ଖେଳ ଶୁକ୍ରବାର ଠାରୁ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ବାଲିଆପାଳ ବ୍ଲକ ସାଂସଦ ଖେଳ ମହାକୁମ୍ଭର ବ୍ଲକ କୋଡି ନେଟର ଦିଲ୍ଲୀପ ପାତ୍ରଙ୍କ ସହିତ ଅଜୟ ଜେନା, ସଞ୍ଜୟ ପରିଡ଼ା, ଲକ୍ଷ୍ମୀଧର ପ୍ରଧାନ, ଲମ୍ବୋଦର ଗିରି, ଗଜେନ୍ଦ୍ର ସାହୁ, ରଞ୍ଜନ କୁମାର ସାହୁ, କ୍ଷିତିଶ ଜେନା, ଖଗେନ୍ଦ୍ର ନାୟକ, କରୁଣାକର ଜେନା, ସୁଦାମ ଦାସ, ମହେଶ୍ୱର ଦାସ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ । ଭଲିରେ ଜାମକୁଣ୍ଡା, ଖୋଖୋରେ ମହିଳା ସିନିଅର ଅସ୍ତି, ଜୁନିଅର ଅସ୍ତି, କବାଡିରେ ସିନିଅର ବାଳକ ରେ ବାଲିଆପାଳ, କବାଡି ଜୁନିଅର ବାଳକ ଡଙ୍ଗରପଦା, ସିନିଅର ବାଡାସ, ଜୁନିଅର ବାଳିକା ରେ ଏସ ଆର କ୍ଲବ ବିଜେତା ହୋଇଥିଲେ ।

# ତୃତୀୟ ଦିନରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଜଳେଶ୍ୱର ବ୍ଲକ, ୨୧।୨ (ସମିସ) : ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଓ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଗୁଡ଼ିକର ତୃଣ ମୂଳ ସ୍ତରରେ ସଫଳ କରିବାରେ ରାଜସ୍ୱ ବିଭାଗର ନୀରିକ୍ଷକ ମାନେ ସଦାବେଳେ ତତ୍ପର ରହିଥିବା ବେଳେ ସେମାନଙ୍କର ଦୀର୍ଘ ଦିନର ନାର୍ଯ୍ୟ ଦାବୀ ପ୍ରତି ବୈମାତୃକ ମନୋଭାବ ତଥା ଅହେତୁକ ଅବହେଳା କରି ଆସୁଛି ବୋଲି ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ କୁହାଯାଇଛି । ୧୯୮୩ ମସିହା ଠାରୁ କ୍ୟାଡର ପୁନଃଗଠନ ହୋଇ ପାରୁ ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି । ଯେତେ ଦିନ ପର୍ଯ୍ୟନ୍ତ ୬ ଦଫା ଦାବୀ ମଧ୍ୟରୁ ମୁଖ୍ୟ ଦାବୀ କ୍ୟାଡର ପୁନଃଗଠନ କରି ବିଜ୍ଞପ୍ତି ପ୍ରକାଶ କରା ନ ଯାଇଛି, ସେତେଦିନ ଯାଏଁ ୩୦ ଟି ଜିଲ୍ଲାର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ରାଜ୍ୟର ୩୧୭ ଟି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆର.ଏସ, ଆର.ଆଇ, ଏ.ଆର.ଆଇ ସମୁହ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ ବନ୍ଦ କରି ଧାରଣା ଦେବେ ବୋଲି ନିଷ୍ପତି ନେଇଥିବା ପ୍ରକାଶ କରିଛନ୍ତି । ତଦନୁଯାୟୀ ଜଳେଶ୍ୱର ତହସିଲ ଅଧିନରେ ଥିବା ୧୯ ଜଣ ରେଭେନ୍ୟୁ ପରିଦର୍ଶକ, ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଯୋଗ ଦେଇଛନ୍ତି । ଜଳେଶ୍ୱର ତହସିଲ ସମ୍ମୁଖରେ ଶୁଭଶ୍ରୀ ସାମଲ, ସରୋଜ କୁମାର ଭଞ୍ଜ, ଶରତ ସେଠୀ, ସୃଷ୍ଟିଧର ପଟ୍ଟାୟତ, ସ୍ମୃତିସୁଧା ବେହେରା, ନିରଞ୍ଜନ ଜେନା, ନିରଞ୍ଜନ ସିଂ, ବିମଳ ସୋରେନ, ରଞ୍ଜନ ପାଣି, ନିଶିକାନ୍ତ ସିଂ, ଅଞ୍ଜନା ଟୁଡୁ, ଅନୁରାଧା ମଲ୍ଲିକ, ପ୍ରଭୁରାମ କାସ୍ତ ଓ ଦେବରଞ୍ଜନ ମହାନ୍ତି ପ୍ରମୁଖ ୧୯ ଜଣ ରାଜସ୍ୱ କର୍ମଚାରୀ ବୁଧବାର ତୃତୀୟଦିନରେ ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମାତୃଭାଷା ଦିବସ ପାଳିତ

# ଭାଷାର ବିକାଶ ଓ ସୁରକ୍ଷା ଦିଗରେ ଯତ୍ନଶୀଳ ହୁଅ

ବାଲେଶ୍ୱର, ୨୧।୨(ସମିସ):

ମା' ଓ ମାତୃଭାଷାର ଅଭାବ ସର୍ବଦା ଅପୂରଣୀୟ। ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷାର ବିକାଶ ଓ ସୁରକ୍ଷା ଦିଗରେ ଯତ୍ନଶୀଳ। ଏହି ପରିପେକ୍ଷୀରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ତଥା ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଶ୍ୱ ମାତୃଭାଷା ଦିବସ ୨୦୨୪ର ବିଷୟବସ୍ତୁ ହେଉଛି 'ବହୁଭାଷୀ ଶିକ୍ଷା ହେଉଛି ଆନ୍ତ-ବଂଶାନୁକ୍ରମିକ ଜାତିର ଶିକ୍ଷାସ୍ତମ୍ଭ'। ଜାତିସଂଘର ଏକ ବିବୃତ୍ତିରେ କୁହାଯାଇଛି ଯେ, ବହୁଭାଷୀ ତଥା ବହୁ ସଂସ୍କୃତି ସମାଜ, ସେମାନଙ୍କ ଭାଷାର ସଂରକ୍ଷଣ ମାଧ୍ୟମରେ ଉନ୍ନତି କରନ୍ତି, ଯାହା ପାରମ୍ପାରିକ ଜ୍ଞାନ ଏବଂ ସାଂସ୍କୃତିକ ଐତିହ୍ୟର ପଥ ଅଟେ। ଏହି ବିଷୟବସ୍ତୁ ଆଧାରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ରାଖାଲ ଚନ୍ଦ୍ର ଘଡେଇ ବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ। ନିଜ ମାତୃଭାଷା ସହ ଭାବପ୍ରବଣତାର ସହ ଯୋଡିହୋଇ ପାରିଲେ ହିଁ ବ୍ୟକ୍ତିବିଶେଷ ଏହାର ଉନ୍ନତ ସାଧନ କରିପାରିବ ବୋଲି ପ୍ରଫେସର ପ୍ରଧାନ କହିଥିଲେ। ଏଥିସହ ଶ୍ରୀ ଘଡ଼େଇ ବର୍ତ୍ତମାନର ଅମଲାତାନ୍ତ୍ରିକ ଓ ରାଜନୈତିକ ଅସହଯୋଗ କାରଣରୁ କିଛି ମାତୃଭାଷାର ବିଲୁପ୍ତ ହୋଇଥିବା ବେଳ ଅନ୍ୟ କିଛି ମାତୃଭାଷା ସମୂହ ଉନ୍ନୟନ ସକାଶେ ଅପେକ୍ଷାରତ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତ୍ରିପାଠୀ, ନିଜ ମାତୃଭାଷାକୁ ବ୍ୟବହାର କରିବାର ଆଗ୍ରହ ଓ ଶ୍ରଦ୍ଧା ହିଁ ମାତୃଭାଷାକୁ ସମ୍ମାନିତ କରାଏ। ଏଥିସହିତ ପ୍ରତି ବ୍ୟବହାରିକ, କଥିତ ଓ ପଠିତ ଭାଷା ନିମନ୍ତେ ଶିକ୍ଷକ ନିଯୁକ୍ତିର ସୁଯୋଗ ପ୍ରଦାନ କରାଗଲେ ସବୁ ଭାଷାର ବିକାଶ ଓ ଉତଥାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରଛାତ୍ରୀ ନିଜସ୍ୱ କଥିତ ଭାଷା ଯଥା ମୁଣ୍ଡାରୀ, ସାନ୍ତାଳୀ, ଉଡୁକ, ହୋ, ଓଡ଼ିଆ, ଉର୍ଦ୍ଦୁ ଓ ସମ୍ବଲପୁରୀ ଭାଷାରେ ମାତୃଭାଷା ପ୍ରତି ସମ୍ମାନ ଜଣାଇ ଅଭିଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀମାନଙ୍କ ସହିତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ଏହି ଦିବସ ପାଳନ କରିଥିଲେ। କାର୍ଯ୍ୟକ୍ରମଟିକୁ ବିଭାଗ ମୁଖ୍ୟ ଡକ୍ଟର ଦେବାଶିଷ ପାତ୍ର ସଞ୍ଚାଳନ କରିଥିଲେ ଓ ଜୟନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।




## ଭୋଗରାଇରେ ସାଂସଦ ଖେଳ ମହାକୁମ୍ଭ

ଭୋଗରାଇ, ୨୧।୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ସାଂସଦ ଖେଳ ମହାକୁମ୍ଭ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବିଜେପି ନେତା ଅଂଶୁମାନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଖେଳ ମହାକୁମ୍ଭ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି କୌଶିକ ଚାନ୍ଦ, ବିଜେପି ଯୁବ ନେତା ମାନସ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜେପି ଯୁବ ନେତା ସଞ୍ଜୀବ କୁମାର ସାହୁ, କ୍ୟାପଟେନ ଅଶୋକ ଦାସ, ଦିବ୍ୟସୁନ୍ଦର ଦାସ, ୩୨ ନଂ ଜୋନ ମଣ୍ଡଳ ସଭାପତି ଗୋପାଳକୃଷ୍ଣ ପଣ୍ଡା ପ୍ରମୁଖ ଯୋଗ ଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଖେଳାଳି ମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିବା ଏବଂ ସେମାନଙ୍କ ପ୍ରତିଭାକୁ ସମ୍ମାନ ଦେବା ଏହି ଖେଳ ମହାକୁମ୍ଭର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ।



## ଜଳେଶ୍ୱରକୁ ଆସିଲା ଲକ୍ଷ୍ମୀ ବସ୍

# ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା



ଜଳେଶ୍ୱର ବ୍ଲକ, ୨୧।୨(ସମିସ): ରାଜ୍ୟ ସରକାର ଲୋକଙ୍କ ଗମନା ଗମନ ସୁବିଧାଲାଗି ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଛନ୍ତି। ଆଜି ବାଲେଶ୍ୱର ଜିଲାର ଲକ୍ଷ୍ମୀ ବସ୍ ଯୋଜନାକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଏକ ବସ୍ ଆସି ପହଞ୍ଚିଛି। ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏହି ବସ୍‌ରେ ବାଲେଶ୍ୱରରୁ ଆଜି ଜଳେଶ୍ୱର ହୋଣ୍ଡା ସୋ ରୁମ୍ ନିକଟରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ଜିଲ୍ଲା ପରିଷଦ ଉପସଭାପତି ଅନସୂୟା ପ୍ରଧାନ, ନଗରପାଳ ପ୍ରତିପ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବିଡିଓ ପୁନମ ରାଉତ, ଅବଦୁଲ ଗନି, ବିଜୟ କାମିଲା, ଲେଲିନ୍ ପ୍ରଧାନ, କାଉନ୍‌ସିଲର ସୁରଜ ଚୌରାସିଆ, ସେକ୍ ସଇଫୁଦ୍ଦିନ, ସେକ୍ ଅବଦୁଲ ରହିମ୍, କେସ୍ କୌଶର ମହମ୍ମଦ, ସେକ୍ ଅବଦୁଲ ସତାର, ସେକ୍ ଅବଦୁଲ ମଜିଦ୍ ଓ ବହୁ କର୍ମୀ ଜନସାଧାରଣ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ମନ୍ତ୍ରୀ ଜୀବିକା ସହାୟତା ରାଶି ବଣ୍ଟନର ଶୁଭାରମ୍ଭ ସେକ୍‌ବାଡଠାରେ ଆରମ୍ଭ କରିଥିଲେ। ପରେ ବସ୍‌ଟି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ମଧ୍ୟ ସ୍ୱାଗତ କରାଯାଇଥିଲା। ଜଳେଶ୍ୱର ବ୍ଲକରେ ଚାଲିବାକୁ ଥିବା ୪ଟି ବସ୍ ପର୍ଯ୍ୟାୟ କ୍ରମେ ଆସିବ ବୋଲି ସୂଚନା ଦିଆଯାଇଛି।

## ସଡ଼କ ଦୁର୍ଘଟଣା, ଜଣେ ଗୁରୁତର

ବାଲେଶ୍ୱର, ୨୧।୨(ସମିସ): ବାଲେଶ୍ୱର ରେମୁଣା ଥାନା ଅର୍ନ୍ତଗତ ବାଲିପାଳଠାରେ ଆଜି ଏକ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଆହତ ହୋଇଛନ୍ତି। ତାଙ୍କ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ହେଲେ ବାଇକ ଚାଳକଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ ଆଜି ସକାଳେ ବାଲିପାଳ ଠାରେ ଏକ ସିମେଣ୍ଟ ବୋଝେଇ ଟ୍ରକ ସହ ଏକ ବାଇକର ଧକ୍କା ହୋଇଥିଲା। ଫଳରେ ବାଇକଟି ଟ୍ରକ ତଳେ ପସିଯାଇଥିଲା। ଏଥିରେ ବାଇକ ଚାଳକ ଜଣଙ୍କ ଆହତ ହୋଇଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ଦହମୁଣ୍ଡା, ୨୧।୨ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ଆରୁହାବୃତ୍ତି-୧ ଗ୍ରାମପଞ୍ଚାୟତ ଅଧିନ ସେହି ଗ୍ରାମର ଶକୁନ୍ତଳା ଗିରିଙ୍କ ୬୫ ବର୍ଷ ବୟସରେ ପରଲୋକ ପ୍ରାପ୍ତି ଘଟିଛି। ସେ ଦିର୍ଘ ଦିନ ଧରି ଶ୍ୱାସ ରୋଗରେ ପୀଡ଼ିତ ଥିଲେ। ଆଜି ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ବାଲେଶ୍ୱର ନେବା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି। ନିକଟରେ ତାଙ୍କର ଚାରିପୁତ୍ର ଶିକ୍ଷକ ସଞ୍ଜୟ ଗିରି, ସୁଦୟ ଗିରି, ଅଜୟ ଗିରି, ଦିଗବିଜୟ ଗିରି, ଚାରି ପୁତ୍ରବଧୂ ନାତିନାତୁଣୀ, ବରିଷ୍ଠ ସାମ୍ବାଦିକ, କବି ସମାଜସେବୀ ସତ୍ୟ ଶିବଦାସ, , ସରପଞ୍ଚ ଗୀତାରାଣୀ ଜେନା, କବି ସୁକୁମାର ଦାସ, ଆଇନଜୀବୀ ରାଜକିଶୋର ଜେନା, ଯୁବନେତା ସୁବ୍ରତ ସାହୁ, ସାମ୍ବାଦିକ ରାଜକୁମାର ଜେନା, ସୁମନ୍ତ ଜେନା, ସମିତିସଭ୍ୟା ଅଞ୍ଜଳି ଜେନା, ଯୋଗେନ୍ଦ୍ରନାଥ ପାଳ, ବିଜୟ ସାହୁ ଶେଷ ଦର୍ଶନ କରିଥିଲେ। ଗ୍ରାମ ମଶାଣୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁତ୍ର ଶିକ୍ଷକ ସଞ୍ଜୟ ଗିରି ମୁଖାଗ୍ନି ଦେଇଥିଲେ।

## କଣ୍ଟାବଣୀ ଓ ନେତ୍ରମୋହନ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦହମୁଣ୍ଡା, ୨୧।୨(ସମିସ): ଭୋଗରାଇ ବ୍ଲକ କଣ୍ଟାବଣି ଏବଂ ନେତ୍ରମୋହନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭୋଗରାଇ ବ୍ଲକ ଶିକ୍ଷାଗୋଷ୍ଠୀ ଅଧିକାରୀ କମଳଲୋଚନ ବିଶ୍ୱାଳ ଯୋଗ ଦେଇ ବିଦ୍ୟାଳୟ ର ବିଭିନ୍ନ ଦିଗ ଉପରେ ଆଲୋକ ପାତ କରିଥିଲେ। ନେତ୍ରମୋହନ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବଶଙ୍କର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ଦେବିରାଣୀ ପ୍ରଧାନ ଉଦଘାଟନ କରିଥିବା ଶିକ୍ଷକ ସଂଗ୍ରାମ ଦାସ, ସ୍ୱାଗତ ଭାଷଣ ରଖିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ। ମୁଖ୍ୟବକ୍ତା ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିହିର କୁମାର ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଦର୍ସ୍ୟ କେଶବ ଚନ୍ଦ୍ର ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ପଣ୍ଡା, ଉମାକାନ୍ତ ପ୍ରଧାନ, ରମେଶ ଚନ୍ଦ୍ର ଦାସ, ଜୟଦେବ ଦାସ, ସୁଶାନ୍ତ ଦାସ, ମିଥୁନ ଚକ୍ରବର୍ତ୍ତୀ, ପ୍ରଶାନ୍ତ ଦାସ, କାର୍ତିକ ଚନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ସାହୁ, ଅଭିମନ୍ୟୁ ପ୍ରଧାନ, କଣ୍ଟାବଣୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋକୁଳା ନନ୍ଦ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟା ସମୟ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ରଙ୍କ ରଚିତ ନାଟକ କାହାଣୀ କାନ୍ଦୁଛି ଆଖି ଲୁଚେଇ ପାରିବେଷିତ ହୋଇଥିଲା।

## ଦମକଳ କେନ୍ଦ୍ର କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ବାଲେଶ୍ୱର, ୨୧।୨(ସମିସ): ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ସଂସ୍ଥା ଡକରାରେ ବାଲେଶ୍ୱର ଦମକଳକେନ୍ଦ୍ରର କର୍ମଚାରୀମାନେ ଆଜି ଦୁଇ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ଫଳରେ ସେମାନେ ଦମକଳ କେନ୍ଦ୍ର ପରିସରରେ ଆନ୍ଦୋଳନ ମଧ୍ୟ କରିଛନ୍ତି। ସେମାନଙ୍କ ପକ୍ଷରୁ କରାଯାଇଥିବା ଦାବି ଅନୁସାରେ ଆଗ୍ନିକ, ମୁଖ୍ୟ ଆଗ୍ନିକ, ଆଗ୍ନିକ ଗାଡି ଚାଳକ ଏବଂ ଡ୍ରାଇଭର ହାବିଲଦାର ମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେମାନେ କରିଥିବା ଦାବି ଅନୁସାରେ, ଦରମାରେ ଥିବା ଅସଙ୍ଗତି ଦୂର କରିବା (ପୂର୍ବ ପରି ପୁଲିସ ସହ ସମାନ ଦରମା ଓ ଭତା ପ୍ରଦାନ), ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀମାନଙ୍କ ସଂଘର ସରକାରୀ ପଞ୍ଜୀକରଣ କରିବା ଏହି ଦୁଇ ଦଫା ଦାବି କରିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଏହି ଦୁଇ ଦଫା ଦାବି ପୂରଣ ନ ହେବ ସେତେଦିନ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି କର୍ମଚାରୀମାନେ କହିଛନ୍ତି। ଏହାସହ ସେମାନେ କଳାବ୍ୟାଜ୍ ମଧ୍ୟ ପରିଧାନ କରିଛନ୍ତି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ











ବାଲେଶ୍ୱର, ୨୧।୨(ସମିସ) : ବୁଧବାର ଦିନ ରେମୁଣା ବ୍ଲକ ଅନ୍ତର୍ଗତ ଖରିଦମୁଖରା ପଞ୍ଚାୟତରେ ଗ୍ରାମାଞ୍ଚଳର ବିକାଶ ପାଇଁ ଅନୁଷ୍ଠିତ ହେଉଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ସରପଞ୍ଚ ସମଲେଶ୍ୱରୀ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜିଲ୍ଲା ପରିଷଦ ସଦସ୍ୟା କଲ୍ୟାଣୀ ବାରିକ ଓ ଅଭିମନ୍ୟୁ ଦିନ୍ଦା, ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ହିମାଂଶୁ ମହାନ୍ତି, ଦହପଡ଼ା ସମିତିସଭ୍ୟ ରବୀନ୍ଦ୍ର ମୋହନ ପ୍ରଧାନ, ତୁଣ୍ଡରା ସମିତିସଭ୍ୟ ପୃଥ୍ୱୀରାଜ ସିଂହ, ମିଶନଶକ୍ତି ଜିଏଲଏଫ ସଙ୍ଗୀତା ଦାସ, ଶେରଗଡ଼ ସମିତିସଭ୍ୟ ଦୟାନିଧି ମହାପାତ୍ର, ଯୁବନେତା ରୂପେଶ ଜେନା, ପିଇଓ ଗୁରୁପ୍ରସାଦ ସିଂହ, ଜିଆରଏସ ଶକୁନ୍ତଳା ସିଂହ, ରମେଶ ଚନ୍ଦ୍ର ଓଝା, ପ୍ରଦୀପ ବିଶ୍ୱାଳ, ଲିଂଗରାଜ ସାହୁ, ରାଜେଶ ବାରିକ, ରାକେଶ ଜେନା, କମଳଲୋଚନ ନାୟକ, ରତ୍ନାକର ସାହୁ, ପରେଶ ଚନ୍ଦ୍ର ପଣ୍ଡା, ଗଦାଧର ପ୍ରଧାନ, ସୁବ୍ରତ ବେହେରା, ମହେନ୍ଦ୍ର ମହାଳିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ବରିଷ୍ଠ କଳାକାର, ଅବସରପ୍ରାପ୍ତ ଶିକ୍ଷକ, ସ୍କୁଲର ଛାତ୍ରଛାତ୍ରୀ, ଏସଏଚଜି ଗୋଷ୍ଠୀର ସଦସ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଉପରେ ବିଧାୟକ ପରିଡ଼ା ଉପସ୍ଥିତ ଜନ ସାଧାରଣଙ୍କୁ ସଚେତନ କରାଇଥିଲେ।ପରେ ଏସଏଚଜି ଗ୍ରୁପର ଷ୍ଟଲ୍ ଗୁଡିକୁ ବିଧାୟକ ପରିଦର୍ଶନ କରିଥିଲେ।

**ମନ୍ଦରପୁର** : ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ ମନ୍ଦରପୁର ପଞ୍ଚାୟତରେ ବୁଧବାର ଦିନ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି।ଏହାକୁ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉଦଘାଟନ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ ମଞ୍ଜୁଶ୍ରୀ ଦାସ ପୌରୋହିତ୍ୟ କରିଥିଲେ। ଅମୀୟ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ପରିଷଦ ସଭ୍ୟ ଅଭିମନ୍ୟୁ ଦିନ୍ଦା, ସମିତିସଭ୍ୟା ଅଞ୍ଜନା ଦାସ, କନିଷ୍ଠ ଯନ୍ତ୍ରୀ ସଦାଶିବ ଜେନା, ପୁଷ୍ପା ଦାସ, ରେମୁଣା ଏନଏସିର ଭାଇସ ଚେୟାରମ୍ୟାନ ଏହେସାନ ଖାନ୍, ପ୍ରଧାନଶିକ୍ଷକ ଅଜିତ କୁମାର ପଣ୍ଡା ରଜନୀଗନ୍ଧା ମହାନ୍ତି, ପ୍ରମିତା ଦାସ, ନିରଞ୍ଜନ ଗିରି, ବିବେକ ଦାସ ପ୍ରମୁଖ ମଞ୍ଚାସୀନ ଅତିଥି ରୂପେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ବାବଦରେ ନିଜନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ତଥା ସଂଗଠକ କରୁଣାକର ବେହେରା, ନୃସିଂହ ଜେନା, ପ୍ରମିତା ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଖଇରା** : ଖଇରା ବ୍ଲକ ଅଧୀନ ଝିଙ୍କିରିଆ ଓ କଇଥଗଡ଼ିଆ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସଭା, ସମ୍ବର୍ଦ୍ଧନା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଯାପିତ ହୋଇ ଯାଇଛି। ଝିଙ୍କିରିଆ ପଞ୍ଚାୟତରେ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ସରକାର ନିକଟରେ ବିଭିନ୍ନ ଯୋଜନାରେ ବଢ଼ାଇଥିବା ସହୟତା ରାଶି ଉପରେ ଆଲୋକପାତ କରି ଲୋକଙ୍କୁ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶୃତିକୁ ନବୀନ ବାବୁ ପୂରଣ କରି ସାଢେ ୪କୋଟି ଓଡିଆଙ୍କ ମୁହଁରେ ହସ ଫୁଟାଇଥିବା କଥା କହିଥିଲେ। ସରପଞ୍ଚ ନିତୁନିବେଦିତା ମାଝି, ସମିତିସଭ୍ୟା ରଶ୍ମିତା ଜେନା, ନୋଡାଲ ଅଧିକାରୀ ଶ୍ରଦ୍ଧାନନ୍ଦ ପାଣିଗ୍ରାହୀ, ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଝିଙ୍କିରିଆ ହାଇସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ଆରତୀଲତା ମାଝୀ, ଡାକ୍ତର ଛାତ୍ରୀ ସୋନାଲୀ ପାତ୍ର ଓ ଛାତ୍ର ଇନ୍ଦ୍ରମଣି ମହାନ୍ତି, ଚାଷୀ ଭରତ ମଣ୍ଡଳ, ରମାକାନ୍ତ ପ୍ରଧାନ ଓ ପଦ୍ମଲୋଚନ ଉପାଧ୍ୟାୟ, କୈଳାସ ମହାକୁଡ, ସୁଶ୍ରୀ ପ୍ରତିମା ସୂତାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାକ୍ତନ ସମିତିସଭ୍ୟ କୈଳାସ ମାଝୀ ମଞ୍ଚ ପରିଚାଳନା କରିଥିଲେ। ସେହିଭଳି କଇଥଗଡ଼ିଆ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଜ୍ୟୋତି ପ୍ରକାଶ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟ ଅତିଥି, ସରପଞ୍ଚ ଅନିତା ପାଇକରାୟ, ସମିତିସଭ୍ୟ ନରୋତ୍ତମ ମହିମା ଜେନା, ପ୍ରାକ୍ତନ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ ଓ ଉଦୟ ନାରାୟଣ ନାୟକ, ଏମବିକେ ପ୍ରଭାତୀ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍କର୍ଷତା ପ୍ରତିପାଦିତ କରିଥିବା ୬୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୁନିୟର ପପୁ ପମ୍‌ପମ୍‌ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଜୟକେତନ ବିଦ୍ୟାଧର ସାହୁ ଓ ଅର୍ଜୁନ ପାଇକରାୟ ମଞ୍ଚ ପରିଚାଳନା କରିଥିଲେ।

**ବାଲେଶ୍ୱର(ଉତ୍ତର)** : ଭୋଗରାଇ ବ୍ଲକ ଗୋପୀନାଥପୁର ପଞ୍ଚାୟତ ରେ ଆମ ଓଡ଼ିଶା-ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ, ସହିତ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ପାଇଁ ଏଭଳି କାର୍ଯ୍ୟକ୍ରମ କରାଯାଉଥିବା ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ବ୍ୟକ୍ତବ୍ୟ ରେ କହିଥିଲେ। ସରପଞ୍ଚ ରାଜୀବ କୁମାର ଘୋଷ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶ୍ରୀ ଗିରି, ମୁଖ୍ୟବକ୍ତା ୩୧ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସମାଜସେବୀ ନିଶିକାନ୍ତ ସାହୁ, ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ବର ଦାସ, ଦୁର୍ଗାଚରଣ ସାହୁ ଏବଂ ଜିପିଏଲଫ ସଭାନେତ୍ରୀ, ସମ୍ପାଦିକା, ଏମବିକେ ପ୍ରମୁଖ ଯୋଗଦେଇ ବ୍ୟକ୍ତବ୍ୟ ରଖିଥିଲେ। ଏହି ଅବସରରେ କୁନି କୁନି ପିଲାଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱରିତ ସପନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

**ରାଜଘାଟ** : ବସ୍ତା ବ୍ଲକ ନାବରା ପଞ୍ଚାୟତ ଅଫିସ ନିକଟରେ ବୁଧବାର ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଡାକ୍ତର ନଗେନ୍ଦ୍ର କୁମାର ସିଂ ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ପଞ୍ଚାୟତ ସମିତି ଅଧକ୍ଷକ୍ଷ ଅଞ୍ଜଳି ଦାସ, ଉପାଦକ୍ଷ ଦିଲ୍ଲୀପ ଦାସମହାପାତ୍ର, ବିଡ଼ିଓ ମୋହିନୀ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ରହି ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରାମାଞ୍ଚଳର ଭିତ୍ତି ଭୂମି ବିକାଶକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ସଂସ୍କୃତି ସଂରକ୍ଷଣ, ମହିଳା ସଶକ୍ତ କରଣ ଓ ଭିତ୍ତିଭୂମି ବିକାଶରେ ବ୍ୟାଙ୍କ ସେବା, ସୁଗମ ପରିବହନ, ଐତିହ୍ୟ ଭିତ୍ତିଭୂମିର ବିକାଶ ଭଳି ବହୁ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସମସ୍ତ ଅତିଥି ଗଣ ମଞ୍ଚାସୀନ ହୋଇ ଅଭିଭାଷଣ ରଖିଥିଲେ। ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଆଗାମୀ ଦିନରେ ଅନ୍ୟପଞ୍ଚାୟତ ମାନଙ୍କରେ ହେବ। ଏହି ଅବସରରେ ପଞ୍ଚାୟତ ବାସୀଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ହାଡ଼ିଗୋଛିଆ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଚନ୍ଦନେଶ୍ୱର, ୨୧।୨(ସମିସ): ପିତାମାତା ଓ ଗୁରୁଜନଙ୍କ କଥା ମାନିବା ସହିତ ସୃଜନଶୀଳତା, ଜିଜ୍ଞାସୁ, ଶୃଙ୍ଖଳା, ବିଜ୍ଞାନ ଚିନ୍ତନ ସହିତ ଐତିହାସିକ ଜ୍ଞାନ ହିଁ ପିଲାମାନଙ୍କୁ ଜୀବନର ମାର୍ଗଦର୍ଶନ କରାଇଥାଏ। ଟୁକୁରୀହାଜିରା ପଞ୍ଚାୟତର ହାଡିଗୋଛିଆ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମାଝିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବକ୍ତା ମାନେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଭୋଗରାଇର ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ ମୁଖ୍ୟ ଅତିଥି ଏବଂ ଭୋଗରାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସରପଞ୍ଚ ଉପେନ୍ଦ୍ର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଧନଞ୍ଜୟ ପାତ୍ର, ଶିକ୍ଷାବିତ ଶଶିଭୂଷଣ ମହାନ୍ତି, ସୀତାରାମ ବାରିକ, କାମଦେବ ଭୂୟାଁ, ପୂର୍ବତନ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ପାତ୍ର, ତାପସ ସାମଲ, ପରିଚାଳନା କମିଟିର ସଦସ୍ୟ ଅସୀତ ମାହାନା, ମହିଳା ସ୍ୱୟଂ ସହାୟିକା କମଳା ଚାନ୍ଦ, ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ରଞ୍ଜନ ସେନାପତି ମଞ୍ଚ ଆହ୍ୱାନ ଶଶାଙ୍କ ଶେଖର ଜେନା ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ଅଞ୍ଜଳି ବାଲା ଦାସ ବିବରଣୀ ପାଠ କରିଥିବା ବେଳେ ଅଙ୍ଗନବାଡ଼ି କର୍ମୀ ରଶ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟର କୃତି ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ନାଟକ 'ଟୁଙ୍ଗୁରୁ ବାବା' ମଞ୍ଚସ୍ଥ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ପରିଚାଳନାରେ ସହଯୋଗ କରିଥିଲେ।

'ଆମ ଓଡ଼ିଶା, ନବୀନ ଓଡ଼ିଶା'

# ଜିଲ୍ଲାର ୩୫୬ ପଞ୍ଚାୟତକୁ ୧୭୮ କୋଟି

ବାଲେଶ୍ୱର, ୨୧।୨(ସମିସ):

ଗ୍ରାମାଞ୍ଚଳର ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମି ବିକାଶ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବାଲେଶ୍ୱର ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତ ପାଇଁ ରାଜ୍ୟ ସରକାର ୫୦ଲକ୍ଷ ଟଙ୍କା ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ପ୍ରଦାନ କରିଛନ୍ତି। ଜିଲ୍ଲାର ମୋଟ ୩୫୬ଟି ପଞ୍ଚାୟତ ପାଇଁ ଜିଲ୍ଲାର ୧୨ଟି ପଞ୍ଚାୟତ ସମିତିକୁ ଆସିଛି ୧୭୮ କୋଟି ଟଙ୍କା। ଏହି ଟଙ୍କାରେ ଜିଲ୍ଲାର ଗ୍ରାମାଞ୍ଚଳରେ ବିଭିନ୍ନ କ୍ଷେତ୍ରର ଭିତ୍ତିଭୂମି ହେବ ବିକାଶ। ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ, ଆମ ଦେଶର ଆଶା ହେଉଛି ଗ୍ରାମାଞ୍ଚଳ। ଗ୍ରାମାଞ୍ଚଳରେ ବସବାସ କରୁଥିବା ୮୦ ପ୍ରତିଶତ ଲୋକଙ୍କର ବିକାଶ ହେଲେ ଦେଶର ସାମଗ୍ରିକ ବିକାଶ ହୋଇପାରିବ। ତେଣୁ ଓଡ଼ିଶାର ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଙ୍ଗୀକାର ବଦ୍ଧ ଥିବା ଯୋଗୁ ଗତ ୩୧ ଅଗଷ୍ଟ ୨୦୨୩ରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ରାଜ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି।




ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତର ଯେକୌଣସି ଦେବଦେବୀ ମନ୍ଦିରର ଆବଶ୍ୟକତା ଅନୁଯାୟୀ ଭିତ୍ତିଭୂମିର ବିକାଶ କରାଯିବ। ପଞ୍ଚାୟତରେ ଥିବା ଐତିହ୍ୟ ସ୍ଥାନ ଗୁଡିକର ସଂରକ୍ଷଣ ପାଇଁ ଭିତ୍ତିଭୂମିର ବିକାଶ ହେବ। ପଞ୍ଚାୟତରେ ଥିବା ସରକାରୀ ଶିକ୍ଷାନୁଷ୍ଠାନ ଗୁଡିକର ଉନ୍ନତିକରଣ ସହିତ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। କ୍ରୀଡ଼ା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ଏହି ଯୋଜନାରେ କରାଯିବା ସହିତ ପଞ୍ଚାୟତବାସୀଙ୍କ ସୁବିଧା ପାଇଁ ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଇ ଦେବା ଲାଗି ଭିତ୍ତି ଭୂମି ଯୋଗାଇ ଦିଆଯିବ। ଏହାବାଦ ଏହି ଯୋଜନାରେ ପଞ୍ଚାୟତ ସ୍ତରର ମିଶନ ଶକ୍ତିରେ ସମ୍ପୃକ୍ତ ଥିବା ମହିଳା ମାନଙ୍କ ଆର୍ଥିକ ବିକାଶ କାରାଯିବ। ତେବେ ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ୫୦ଟି ପଞ୍ଚାୟତ ପାଇଁ ୨୫କୋଟି, ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତ ପାଇଁ ୧୪କୋଟି, ବସ୍ତା ବ୍ଲକର ୩୧ଟି ପଞ୍ଚାୟତ ପାଇଁ ୧୫ କୋଟି ୫୦ ଲକ୍ଷ, ଜଳେଶ୍ୱର ବ୍ଲକର ୩୫ଟି ପଞ୍ଚାୟତ ଲାଗି ୧୭ କୋଟି ୫୦ଲକ୍ଷ, ବାଲେଶ୍ୱର ସଦର ବ୍ଲକର ୩୭ଟି ପଞ୍ଚାୟତ ଲାଗି ୧୮ କୋଟି ୫୦ଲକ୍ଷ, ରେମୁଣା ବ୍ଲକର ୩୨ଟି ପଞ୍ଚାୟତ ଲାଗି ୧୬କୋଟି, ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତ ପାଇଁ ୧୨ କୋଟି ୫୦ଲକ୍ଷ, ଔପଦା ବ୍ଲକର ୧୧ଟି ପଞ୍ଚାୟତ ଲାଗି ୫ କୋଟି ୫୦ଲକ୍ଷ, ବାହାନଗା ବ୍ଲକର ୨୪ଟି ପଞ୍ଚାୟତ ପାଇଁ ୧୨କୋଟି, ସୋର ବ୍ଲକର ୨୪ଟି ପଞ୍ଚାୟତ ଲାଗି ୧୨ କୋଟି, ଖଇରା ବ୍ଲକର ୩୭ଟି ପଞ୍ଚାୟତର ୧୮ କୋଟି ୫୦ ଲକ୍ଷ ଏବଂ ସିମୁଳିଆ ବ୍ଲକର ୨୨ଟି ପଞ୍ଚାୟତ ପାଇଁ ୧୧କୋଟି ଟଙ୍କା ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଆସିଛି। ତେବେ ଏହି ଯୋଜନାର ଜିଲ୍ଲା ସଂଯୋଜକ ରଞ୍ଜନ ବାଗ କହିଛନ୍ତି, ସହର ସହିତ ଗ୍ରାମାଞ୍ଚଳର ବିକାଶକୁ ସମତୁଲ କରିବା ଏବଂ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟକାରୀ କରିଛନ୍ତି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ଗ୍ରାମାଞ୍ଚଳର ଶିକ୍ଷା, ଗମନାଗମନ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ହେବା ସହିତ କ୍ରୀଡା, ବ୍ୟାଙ୍କିଂ କ୍ଷେତ୍ରରେ ଆବଶ୍ୟକତା ହେଉଥିବା ଭିତ୍ତିଭୂମିର ଉନ୍ନତି ହୋଇ ପାରିବ।

## ମହେଶପୁରରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



ଭୋଗରାଇ, ୨୧।୨ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ମହେଶପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବରେନ୍ଦ୍ର ପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଦସ୍ୟ ମନୋରଞ୍ଜନ ଦାସ ଓ କନିଷ୍ଠ ଯନ୍ତ୍ରୀ ବିଜୟ ପ୍ରସାଦ ରାଉଳ ଯୋଗ ଦେଇ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ମହେଶପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହେବା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, କାଳିଆ ଯୋଜନା, ମଧୁବାବୁ ପେନସନ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ମହିଳା ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ସହାୟତା ସହିତ ଅନ୍ୟାନ୍ୟ ସହାୟତା ଆଦି ବହୁମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀତା ଭଞ୍ଜ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଜିଆରଏସ ମଧୁସୂଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଲୋକକଳା ସଂଘର ସଦସ୍ୟମାନେ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ପଞ୍ଚାୟତର ସମସ୍ତ ମିଶନ ଶକ୍ତି ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର, ଗାଁ ସାଥୀଙ୍କ ସମେତ ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ବହୁ ସଂଖ୍ୟାର ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ।

## ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



ଚୌକି, ୨୧।୨(ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ଓ ଗୁନାଇବସାଣ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦାରସାହି ପଞ୍ଚାୟତରେ ସରପଞ୍ଚ ମମତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଯୋଗ ଦେଇ ସରକାରଙ୍କ ଜନମଙ୍ଗଳ ଯୋଜନା ବାବଦରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ, ଜିପିଏଲ୍‌ଏଫ ସଭାପତି କବିତା ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଖୁଦିରାମ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗୁନାଇବସାଣ ପଞ୍ଚାୟତରେ ସରପଞ୍ଚ ସୁମତି ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ସଦସ୍ୟ ପ୍ରଦୀପ ମହାନ୍ତି ପ୍ରଥମେ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି, ମୁଖ୍ୟବକ୍ତା ଭାବେ କୁମ୍ଭାରମୂଳି ପଞ୍ଚାୟତ ସଦସ୍ୟ ଆଶିଷ ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ସାଂସଦ ଖେଳ ମହାକୁମ୍ଭ ଉଦଘାଟିତ



ଖନ୍ତାପଡ଼ା, ୨୧।୨(ସମିସ): ବାହାନଗା ବ୍ଲକ ଅଧିନ ଖନ୍ତାପଡ଼ା ପଞ୍ଚାୟତରେ ଥିବା ରାମନଗର ଖେଳ ପଡ଼ିଆରେ ଆଜି ଅପରାହ୍ନ ଦୁଇ ଘଟିକା ସମୟରେ ସାଂସଦ ଖେଳ ମହାକୁମ୍ଭ ବାଲେଶ୍ୱର ଜିଲ୍ଲା ବିଜେପି ସମ୍ପାଦକ ବିଜୟ କୁମାର ସାହୁଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହା ତିନିଦିନ ଧରି ଚାଲିବ। ବିଭିନ୍ନ ପଞ୍ଚାୟତରୁ ପ୍ରାୟ କୋଡିଏରୁ ଉର୍ଦ୍ଧ ଦଳ ଅଂଶଗ୍ରହଣ କରିଥିଲେ। ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ମନୋଜ କୁମାର ସ, ସତ୍ୟ ପ୍ରକାଶ ନାୟକ, ରାହୁଲ ପାତ୍ର, ଦୀପକ ମୁଦୁଲି, ସତ୍ୟପ୍ରକାଶ ମହାନ୍ତି, ଜାହିର ଖାନ, ହିତେଶ ଚନ୍ଦ୍ର ଦାସ, ସିଦ୍ଧାର୍ଥ ମଲିକ, ଶଶିକାନ୍ତ ମଲିକ, କିଷାନ ଲେଙ୍କା, ସୁରେଶ ମଲିକ, ଚନ୍ଦ୍ରଶେଖର ମାଝୀ, ସୁଶାନ୍ତ ଘଡେଇ, ମହେଶ ବେହେରା ତାଙ୍କୁ ସହଯୋଗ କରିଥିଲେ। ଯେଉଁ ଖେଳାଳି ମାନେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଛନ୍ତି ସେମାନଙ୍କୁ ମାନପତ୍ର ପ୍ରଦାନ କରିବା ସହିତ ଜିଲ୍ଲାସ୍ତରୀୟ ଖେଳରେ ଭାଗ ନେବା ପାଇଁ ମନୋନୀତ କରାଯାଇଛି।

## ୧୦୮ କଳସ ଯାତ୍ରା ଓ ରୁଦ୍ରାଭିଷେକ

ଜଳେଶ୍ୱର ବ୍ଲକ, ୨୧।୨ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମରେ କଞ୍ଚନେଶ୍ୱର ମହାଦେବ ମନ୍ଦିର ଓ ମା' ଚଣ୍ଡି ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ବୁଧବାର ସକାଳ ୭ ଘଟିକା ସମୟରେ ଗ୍ରାମର ମହିଳା ମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ହୋଇଥିଲା। ସୁବର୍ଣ୍ଣରେଖା ନଦୀରୁ ମହିଳାମାନେ ୧୦୮ କଳସରେ ପାଣି ଆଣି ଗ୍ରାମ ପରିକ୍ରମା କରିବା ପରେ କଳସ ଗୁଡ଼ିକ ମନ୍ଦିର ନିକଟରେ ରଖିଥିଲେ। ପରେ ଗ୍ରାମର ପଣ୍ଡିତ କାବୁଲ ନାନା ଓ ମୃତ୍ୟୁଞ୍ଜୟ ନନ୍ଦ ରୁଦ୍ରାଭିଷେକ ତଥା ମହାଯଜ୍ଞ କର୍ମ କରିଥିଲେ। ଗ୍ରାମର ଗ୍ରାମ୍ୟ ମୁଖ୍ୟ ଉତ୍ତମ କୁମାର ଦାସ ମହାପାତ୍ର, ଉଦ୍ୟତ କୁମାର ଦାସ ମହାପାତ୍ର, ତାରାପଦ ମହାନ୍ତି, ଗୌରୀ ଶଙ୍କର ବେହେରା, ଗୋପାଳ ଚନ୍ଦ୍ର ବେହେରା, ପଞ୍ଚାନନ ବେହେରା, ଭୂପେନ ଚନ୍ଦ୍ର ବେହେରା, ତପନ ବେହେରା, ଚନ୍ଦନ କୁମାର ଦାସ ମହାପାତ୍ର, ଗୌତମ କୁମାର ଦଳେଇ, ନିରଞ୍ଜନ ମହୁରୀ, ସୁବାସ ଗିରି, କମଳାକାନ୍ତ ବେକ, ବରେନ୍ଦ୍ର ବେହେରା, ଭାଗବତ ଘୋଷ, ଭୂପତି କୁମାର ସେନ, ଚୈତନ୍ୟ ଘୋଷ, ଅର୍ଜୁନ ବେଜ୍, ଭୀମ ଚରଣ ବେଜ, ଗୋପାଳ ଚନ୍ଦ୍ର ନାୟକ, ନିତ୍ୟାନନ୍ଦ ସେନ ଓ ଗ୍ରାମବାସୀ ସମୂହ ପରିଚାଳନା ଓ ସହଯୋଗ କରିଥିଲେ।

ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୬ତମ ବାର୍ଷିକ ଉତ୍ସବ

## 'ଆଧ୍ୟାତ୍ମିକ ଭାବନା ଛାତ୍ରଛାତ୍ରୀଙ୍କୁ ଚେତନାଦୀପ୍ତ କରେ'



ଭୋଗରାଇ, ୨୧।୨ (ସମିସ): ସୁସ୍ଥ ଶରୀର ସହିତ ଆଧ୍ୟାତ୍ମିକ ଭାବନା ଛାତ୍ରଛାତ୍ରୀଙ୍କୁ ଚେତନାଦୀପ୍ତ କରେ। ଏହାସହିତ ପୂର୍ଣ୍ଣାଙ୍ଗ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସୁନାଗରିକ ଭାବେ ଗଢି ତୋଳିବା ସହ ମାନବତାବାଦୀସ୍ତରକୁ ଉନ୍ନୀତ କରେ ବୋଲି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ମହେଶପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୬ ତମ ବାର୍ଷିକ ଉତ୍ସବ ସମାରୋହରେ ମତପ୍ରକାଶ ପାଇଛି। ଶ୍ରୀ ମା'ଙ୍କ ଜନ୍ମଦିନ ଏବଂ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ସଭାରେ ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସା ଉପ ନିର୍ଦ୍ଦେଶକ ଡାକ୍ତର ସତ୍ୟନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ପ୍ରେସ କ୍ଲବ ସଭାପତି ସାମ୍ବାଦିକ ଅମର ମହାନ୍ତି ଯୋଗ ଦେଇ ଧର୍ମ ଓ ଆଧ୍ୟାତ୍ମିକତା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଅମ୍ବିକା ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ପଙ୍କଜ କୁମାର ଗିରି, ଶ୍ରୀମା ଶ୍ରୀ ଅରବିନ୍ଦ ଅନୁଗାମୀ ପ୍ରାଣକୃଷ୍ଣ ପ୍ରଧାନ ଯୋଗଦେଇ ପୂର୍ଣ୍ଣାଙ୍ଗ ଶିକ୍ଷା ବିନା ସମାଜରେ ଉନ୍ନତ ଚିନ୍ତା ଚେତନା, ଶୃଙ୍ଖଳା ଓ ସଂସ୍କାର ସମ୍ଭବ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷକ ଦୁର୍ଗାଶଙ୍କର ପାତ୍ର ସ୍ୱାଗତ ଭାଷଣ, ସହକାରୀ ଶିକ୍ଷକ ବରେନ୍ଦ୍ର ଘଡାଇ ମଞ୍ଚ ପରିଚାଳନା ଓ ଶିକ୍ଷୟିତ୍ରୀ ଅନୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷାକେନ୍ଦ୍ରର ୨୦୨୨-୨୩ ଶିକ୍ଷା ବର୍ଷରେ ତୃତୀୟ ଶ୍ରେଣୀର ଶ୍ରେଷ୍ଠ ମେଧାବୀ ଛାତ୍ର ଉଜ୍ଜ୍ୱଳ କୁମାର ଦାସଙ୍କୁ 'ସ୍ନେହଲତା ମେଧା ବୃତ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହିତ ବାର୍ଷିକ କ୍ରୀଡା ଓ ଶିକ୍ଷା କ୍ଷେତ୍ରରେ ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ମେଡାଲ ଦେଇ ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ରମେଶ ଚନ୍ଦ୍ର ଦାସ, ଭାସ୍କର ଚନ୍ଦ୍ର ରଣା, ମନ୍ମଥ ପାତ୍ର, କଳ୍ପନା ଦାସ, ମୀରାରାଣୀ ରଣା, ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜମ୍ବେଶ୍ୱରପୁର ଗାଁ ହରିଜନ ବସ୍ତି

# ଲାଗିଲା ସୂଚନାଫଳକ, ଏବେ ରାସ୍ତା କାମକୁ ଅପେକ୍ଷା

ବାଲେଶ୍ୱର, ୨୧।୨(ସମିସ):

ରେମୁଣା ନିର୍ବାଚନ ମଣ୍ଡଳୀ ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ଜମ୍ବେଶ୍ୱରପୁର ଗାଁର ହରିଜନ ବସ୍ତି। ଜମ୍ବେଶ୍ୱରପୁର ଗାଁର ପୂର୍ବପଟ ଜନଜାତି ବସ୍ତିରେ ୪/୫ ପରିବାର ବସବାସ କରୁଛନ୍ତି। ସେଠାରେ କିଛି ଭିନ୍ନକ୍ଷମ ଲୋକ ମଧ୍ୟ ରହୁଛନ୍ତି। ସେଥିମଧ୍ୟରୁ ଅସ୍ଥିଶଲ୍ୟ ରୋଗୀ ସହ ବୟସାଧିକ ବ୍ୟକ୍ତି ବି ବସବାସ କରୁଛନ୍ତି। ହେଲେ ବସ୍ତି ଭିତରକୁ ଆମ୍ବୁଲାନ୍ସ ଯାଇନପାରିବାରୁ କାନ୍ଧ କିମ୍ବା ଖଟିଆରେ ରୋଗୀ ବୁହାହୁଅନ୍ତି। ତେବେ ବସ୍ତି ବାସିନ୍ଦାଙ୍କ ଏହି ପ୍ରମୁଖ ସମସ୍ୟାକୁ ନେଇ ୨୦୨୩ ମସିହା ମେ ୨୧ରେ 'କେବେ ବଦଳିବ ହରିଜନ ବସ୍ତିର ଭାଗ୍ୟ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏ ନେଇ ଯୁବ ସମାଜସେବୀ ଓ ସଚେତନ ନାଗରିକ ଟୁଇଟ୍ କରି ଜିଲ୍ଲା ପ୍ରଶାସନର ଦୃଷ୍ଟି ମଧ୍ୟ ଆକର୍ଷଣ କରିଥିଲେ। ମନରେଗା ଅଧୀନରେ ସଡକ ବିକାଶ ପାଇଁ ଏକ ପ୍ରକଳ୍ପ ଅନୁମୋଦିତ ହୋଇଯାଇଛି ଏବଂ କାମ ଶୀଘ୍ର ଆରମ୍ଭ ହେବ ବୋଲି ଡିଏମ୍ ବାଲେଶ୍ୱର ଟୁଇଟ୍ ମାଧ୍ୟମରେ ସୂଚନା ଦେଇଥିଲେ। ମାତ୍ର ତାହାର କାମ ଆରମ୍ଭ ହୋଇନଥିଲା। ତେବେ ୨୦୨୩-୨୪ ବର୍ଷରେ ଉକ୍ତ ବସ୍ତିକୁ ରାସ୍ତା ନିର୍ମାଣ ନେଇ ସବୁଜ ସଙ୍କେତ ମିଳିଛି। ଖବର ପ୍ରକାଶର ୯ ମାସ ପରେ ସେଠାରେ ରାସ୍ତା ଉନ୍ନତିକରଣ କାମ ପାଇଁ ଦୁଇଟି ଫଳକ ଲଗାଯାଇଛି। ରାସ୍ତା କାମ ପାଇଁ ଦୁଇଟି ଫଳକ ଲାଗିଛି। ଶିଳାନ୍ୟାସ କାମ ହୋଇନାହିଁ। ଖୁବଶୀଘ୍ର ଶିଳାନ୍ୟାସ ପରେ ସପ୍ତାହେ ମଧ୍ୟରେ ରାସ୍ତା କାମ ଆରମ୍ଭ ହେବ ବୋଲି ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ ସୂଚନା ଦେଇଛନ୍ତି।



ଦୀର୍ଘବର୍ଷ ପରେ ବସ୍ତିକୁ ରାସ୍ତା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପଞ୍ଚାୟତ ଓ ମନରେଗାରେ ଟଙ୍କାରେ ରାସ୍ତା କାମ ହେବ। ସେଥିପାଇଁ କିଛି ଦିନ ତଳେ କେଶବ ବେହେରା ଘରଠାରୁ ଅନନ୍ତ ସେଠୀ ଘର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ଦୁଇଟି ଫଳକ ଲଗାଯାଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ୩ ଲକ୍ଷ ଏବଂ ପଞ୍ଚାୟତ ରାଜ ଓ ପାନୀୟ ଜଳର ବିଭାଗ ତରଫରୁ ୫ମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ୧ ଲକ୍ଷ ଟଙ୍କା ଅଟକଳ କରାଯାଇଛି। ଦୁଇଟି ବିଭାଗ ଅର୍ଥ ଖର୍ଚ୍ଚରେ ରାସ୍ତା କାମ ହେବ। ରାସ୍ତା କାମ ଆରମ୍ଭକୁ ସ୍ଥାନୀୟ ବାସିନ୍ଦା ଅପେକ୍ଷା କରି ରହିଛନ୍ତି। ବର୍ଷାରେ ଏହି ରାସ୍ତା ଦେଇ ପଞ୍ଚାୟତ ସାରାର ପାଣି ନିର୍ଗତ ହୁଏ। ଖାଲି ରାସ୍ତା କଲେ ହେବନାହିଁ। ତା ପାଖରେ ପକ୍କା ଡ୍ରେନ ଆବଶ୍ୟକ। ନ ହେଲେ ରାସ୍ତା ଧୋଇଯିବ। ଏ ବାବଦରେ ମାନବାଧିକାର କର୍ମୀ ସୁଧାକର ସେଠୀ ଲିଖିତ ଭାବେ ସଦର ବିଡିଓଙ୍କୁ ମଧ୍ୟ ଜଣାଇଛନ୍ତି। ଖାଲି କଚ୍ଚା ରାସ୍ତା କଲେ ହେବ ନାହିଁ ସୁରକ୍ଷା ଓ ଜଳ ନିଷ୍କାସନ ପାଇଁ ପକ୍କା ନାଳର ଆବଶ୍ୟକ ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି।

## କୃଷି ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭ




ଜଳେଶ୍ୱର ବ୍ଲକ/ ଜଳେଶ୍ୱର, ୨୧।୨ (ସମିସ) : ଚାଷୀଙ୍କ କେନ୍ଦ୍ରୀୟ ଦାବିକୁ ଏଡେଇବା ପାଇଁ ପାଞ୍ଚବର୍ଷ ପାଇଁ ଫସଲ କ୍ରୟ ଏବଂ ବିଭିନ୍ନ ଫସଲକୁ ପ୍ରୋତ୍ସାହନ ଦେବା ନିମନ୍ତେ କେନ୍ଦ୍ରମନ୍ତ୍ରୀ ଯେଉଁ ପ୍ରସ୍ତାବ ଦେଇଛନ୍ତି ସଂଯୁକ୍ତ କୃଷକ ମଞ୍ଚ ସିଧାସଳଖ ଏହାକୁ ପ୍ରତ୍ୟାଖାନ କରିଛି। କୃଷକମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ଫସଲର ନିଶ୍ଚିତ କ୍ରୟକୁ ସୁନିଶ୍ଚିତ କରିବା ଏବଂ ସମସ୍ତ ଫସଲ ପାଇଁ ସି ୨+୫୦% ଫର୍ମୁଲା ଆଧାରରେ ଏମ୍.ଏସ.ପି. ହିଁ କେବଳ ଗ୍ରହଣୀୟ। ରଣଛାଡ଼, ବିଦ୍ୟୁତର ଘରୋଇ କରଣ ନ କରିବା, ବ୍ୟାପକ ରାଷ୍ଟ୍ରୀୟଉ ଫସଲ ବୀମା ଚାଲୁ କରିବା, ୬୦ ବର୍ଷରୁ ଅଧିକ ବୟସର କୃଷକମାନଙ୍କୁ ମାସିକ ୧୦ ହଜାର ଟଙ୍କା ପେନସନ, ଲକ୍ଷ୍ମୀପୁର ଖେରୀ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରିବା ଆଦି ଦାବି ଉପରେ କାହିଁକି ମୋଦୀ ସରକାର ଚୁପ ରହିଛନ୍ତି ବୁଧବାର ଜଳେଶ୍ୱର ଷ୍ଟେସନ ସାମ୍ନାରେ ଏ ସ, କେ.ଏମ୍ ତରଫରୁ ହୋଇଥିବା ପ୍ରତିବାଦ ସଭାରେ ବିଭିନ୍ନ ବକ୍ତା ବକ୍ତବ୍ୟ ରଖିଥିଲେ। ଏହି ପ୍ରତିବାଦ ସଭାରେ ସଂଯୁକ୍ତ କୃଷକ ମଞ୍ଚର ଆବାହକ ଦିଲ୍ଲୀପ ଗିରି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାନେତା ଶିଶିର ଦୁଇ, ଦିପ୍ତିମାନ ଆଚାର୍ଯ୍ୟ, ପଲଟୁ ଦାସ, ମମି ପଣ୍ଡା, ସବିତା ଭୂୟାଁ, ନିରୁପମା ଦାସ, ଦିଲ୍ଲିପ ପରିଡ଼ା, ନରେନ୍ଦ୍ର ସିଂ, ପ୍ରକାଶ ଚନ୍ଦ୍ର ଦେ, ରବୀନ୍ଦ୍ର ବାରିକ, ସେକ ସୀତାରୁଦ୍ଦିନ, ସେକ ଜମିରୁଦ୍ଦିନ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ସାଇକଲ ଉପରେ ଚଢ଼ିଗଲା ଟ୍ରକ୍; ଜଣେ ମୃତ

**ବାଲିବନ୍ଧ,୨୧।୨ (ସମିସ):** ବୁଧବାର ପୂର୍ବାହ୍ନରେ ପଳାଶପଙ୍ଗା-ବାମେବାରୀ ରାସ୍ତା କଣ୍ଡରାପଶି ମାର୍କେଟ୍ କମ୍ପଲେକ୍ସ ସମ୍ମୁଖରେ ଏକ ସାଇକଲ ଆରୋହୀ ଉପରେ ଚଢ଼ିଗଲା ଟ୍ରକ୍। ଫଳରେ ଘଟଣାସ୍ଥଳରେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଥିବା ପଳାଶପଙ୍ଗା ପୁଲିସ ବିଟ୍ ହାଉସରେ ଅଭିଯୋଗ ହୋଇଛି। ମୃତ ସାଇକଲ ଆରୋହୀ ଜଣକ ବାମେବାରୀ ଥାନା ନୟାଗଡ ପଞ୍ଚାୟତ କଟୁପାଲି ଗ୍ରାମର ଗୁରୁଚରଣ ମହାକୁଡ (୬୫ବର୍ଷ)। ଗୁରୁଚରଣ କୌଣସି କାମରେ ପଳାଶପଙ୍ଗା-ବାମେବାରୀ ରାସ୍ତା ଦେଇ ଝୁମ୍ପୁରାକୁ ଯାଉଥିଲେ। କଣ୍ଡରାପଶି ମାର୍କେଟ୍ କମ୍ପଲେକ୍ସ ନିକଟରେ ବୀପରିତ ଦିଗରୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍ ଭାରସାମ୍ୟ ହରାଇ ଗୁରୁଚରଣ ଉପରେ ଚଢ଼ିଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଓ ସାଇକଲ ଜବତ କରିବା ସହ ପାରିପାଶ୍ୱିର୍କସ୍ଥିତି ଅନୁଧ୍ୟାନ କରିଥିଲା। ଲିଖିତ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ପଠାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ପିକ୍ଅପ୍-ଆମ୍ବୁଲାନ୍ସ ଧକ୍କା, ୩ ଆହତ

**ଆନନ୍ଦପୁର,୨୧।୨ (ସମିସ):** ୨୦ନଂ ଜାତୀୟ ରାଜପଥର କଲରାଗଡିଆ ଛକ ନିକଟସ୍ଥ ଶକ୍ତିପୀଠ ନିକଟରେ ଏକ ପରିବା ବୋଝେଇ ପିକଅପ୍‌ଲ ସହ୧୦୮ ଆମ୍ବୁଲାନ୍ସ ମୁହାଁ ମୁହିଁ ଧକ୍କା ହେବାରୁ ୩ ଜଣଙ୍କୁ ଆହତ ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆଜି ଅପରାହ୍ଣରେ ପଦ୍ମପୁର ଗ୍ରାମର ଇଶ୍ୱର ବେହେରା ପିକଅପ୍‌ରେ ପରିବା ବୋଝେଇ କରି ସ୍ଥାନୀୟ ବିରଗୋବିନ୍ଦପୁର ହାଟକୁ ଯାଉଥିବା ବେଳେ ସମ୍ମୁଖରୁ ଆସୁଥିବା ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚି ପିକଅପ୍ ଭ୍ୟାନରୁ ପରିବା ବ୍ୟବସାୟୀଙ୍କୁ ଓ ଆମ୍ବୁଲାନ୍ସର ଦୁଇ କର୍ମଚାରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ। ଖବର ପାଇ ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିବା ଜଣାଯାଇଛି।

# ଜଙ୍ଗଲରୁ ଅଚିହ୍ନା ମହିଳାଙ୍କ ଶବ ଉଦ୍ଧାର

**ତେଲକୋଇ,୨୧। ୨ (ସମିସ):** କେନ୍ଦୁଝର ଜିଲ୍ଲା କାଞ୍ଚିପାଣି ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ ନିକଟ ଜଗା ସାହି ନିକଟବର୍ତ୍ତୀ ଜଙ୍ଗଲରେ ଜଣେ ଅଚିହ୍ନା ମହିଳାଙ୍କ ଶବ ପୁଲିସ ଉଦ୍ଧାର କରିଛି। ଏହି ଅଞ୍ଚଳ କାଞ୍ଚିପାଣି ଥାନାଠାରୁ ୨କିମି ହୋଇଥିବା ବେଳେ ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଛି। ଉକ୍ତ ଶବ ୪ରୁ ୫ଦିନ ହେବ ପଡ଼ିଛି ବୋଲି ଅନୁମାନ କରାଯାଉଛି। ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି।

# ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ; ୫ ଗିରଫ

**ତେଲକୋଇ,୨୧। ୨ (ସମିସ):** ୪୯ ନମ୍ବର ଜାତୀୟ ରାଜପଥରେ ପାଟ୍ରୋଲିଂ ବେଳେ ତିନି ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ ସହ ଏକ ବୋଲେରୋକୁ ତେଲକୋଇ ପୁଲିସ ଧରିଛି। ବୋଲେରୋରେ ଥିବା ୫ ଗୋ ମାଫିଆଙ୍କୁ ମଧ୍ୟ ଗିରଫ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ବଜରଙ୍ଗଦଳର କର୍ମୀ ଓ ପୁଲିସ ଜଗମୋହନପୁର ଛକରେ ଗୋରୁ ବୋଝେଇ ପିକଅପ ଗୁଡିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ମାଫିଆମାନେ ଅଟକି ନଥିଲେ। ଫଳରେ ପୁଲିସ ଓ ବଜରଙ୍ଗ କର୍ମୀ ମାଫିଆଙ୍କୁ ଗୋଡାଇ ଥିଲେ। ରୁଗୁଡିହି ଟୋଲଗେଟ ନିକଟରୁ ପିକଅପ ଭ୍ୟାନ ସହିତ ବୋଲେରୋକୁ ଧରି ଥାନାକୁ ଆଣିଥିଲେ। ତିନି ବୋଲେରୋରୁ ସମୁଦାୟ ୨୩ଟି ଗୋରୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଥାନା ଟେଣ୍ଟାପଶି ଗ୍ରାମର ଏସ୍‌କେ ରିୟାଜୁଦ୍ଦିନ, ଏସ୍‌କେ ସଦ୍ଦାମ ହୁସେନ ଓ ସାହିଲ ଆଲମ , ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ଥାନା ମଣ୍ଡୁଆର ଏସ୍‌କେ ଅବଦୁଲ୍ଲା ଗିରଫ ହୋଇଥିବା ବେଳେ ଝାଡଖଣ୍ଡ ରାଜ୍ୟ ଚାଇଁବସା ଥାନା ଅଞ୍ଚଳରୁ ଆସି ବାରାହାଦେବତାରେ ଗ୍ୟାରେଜ କରିଥିବା ଏସ୍‌କେ କୁରବାନ ମଧ୍ୟ ଗିରଫ ହୋଇଛନ୍ତି।

# ନଦୀରେ ବୁଡ଼ି କଲେଜ ଛାତ୍ରଙ୍କ ମୃତ୍ୟୁ



**ଆନନ୍ଦପୁର,୨୧।୨(ସମିସ):** ବୈତରଣୀ ନଦୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯାଇ ଟୁକୁଣା ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟର ଛାତ୍ର ରଞ୍ଜିତ କୁମାର ଜେନାଙ୍କର ମୃତ୍ୟୁ ଘଟିଛି। ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଗୁହାଳିଆ ଗ୍ରାମର ବାବୁଲି ଜେନାଙ୍କ ପୁଅ ରଞ୍ଜିତ ଟୁକୁଣା ସଂସ୍କୃତ ମହାବିଦ୍ୟାଳୟର ଯୁକ୍ତ ଦୁଇ ଦ୍ୱିତୀୟବର୍ଷ ଛାତ୍ର ଅଟନ୍ତି। ଗତ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିବା ପରୀକ୍ଷାର ଆଜି ଦ୍ୱିତୀୟ ଦିନରେ ପରୀକ୍ଷା ଦେଇ ଘରକୁ ଫେରିବା ପରେ ବୈତରଣୀ ନଦୀର ଗୁହାଳିଆ ଘାଟକୁ ଗାଧୋଇ ଯାଇଥିଲେ। ଗାଧୋଉଥିବା ବେଳେ ଚୋରା ବାଲିରେ ଖସିଯାଇ ବୁଡିଯାଇଥିଲେ। ସେହି ଘାଟରେ ମାଛ ଧରୁଥିବା ୨ ଜଣ ଯୁବକ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ ଠାବ କରିପାରିନଥିଲେ। ଖବରପାଇ ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ନଦୀରୁ ଛାତ୍ରଙ୍କୁ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲା। ଘସିପୁରା ପୁଲିସ ଡାକ୍ତରଖାନାରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ମୃତଦେହ ବ୍ୟବଚ୍ଛେଦ କରାଇଥିବା ଜଣାଯାଇଛି। ମୃତ ଛାତ୍ର ରଞ୍ଜିତଙ୍କ ବିୟୋଗରେ ଉକ୍ତ ଅଞ୍ଚଳରେ ଗଭୀର ଦୁଃଖ ପ୍ରକାଶ ପାଇଥିବାବେଳେ ଖବର ପାଇ ଡାକ୍ତରଖାନାରେ ବଳଭଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର କେତେକ ଛାତ୍ରଛାତ୍ରୀ ଓ ଅଧ୍ୟାପକ ପହଞ୍ଚି ସମବେଦନା ଜଣାଇଥିଲେ।

# ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଜରିଆରେ ଆର୍ଥିକ ସହାୟତା ପ୍ରଦାନ

**କେନ୍ଦୁଝର,୨୧। ୨ (ସମିସ)**




ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଜରିଆରେ ଲଘୁ ଉଦ୍ୟୋଗ ସ୍ଥାପନ ଲାଗି କେନ୍ଦୁଝର ଆଇଟିଡିଏ ପକ୍ଷରୁ ଜନଜାତି ବର୍ଗର ଯୁବକ/ଯୁବତୀଙ୍କ ପାଇଁ ଏକ ଆର୍ଥିକ ସହାୟତା ପ୍ରଦାନ ଶିବିର ଅନୁଷ୍ଠିତ ହୋଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାଏକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ଜରିଆରେ ୮୮ଜଣ ଯୁବକ/ଯୁବତୀଙ୍କୁ ଲଘୁ ଉଦ୍ୟୋଗ ପାଇଁ ଚୟନ କରାଯାଇ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କା ଲେଖାଁଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପ୍ରୋଜେକ୍ଟ ମ୍ୟାନେଜର ସଚ୍ଚିଦାନନ୍ଦ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ବୃନ୍ଦଦେବ ପଣ୍ଡା, ରବୀନ୍ଦ୍ର ନାଥ ନାଏକ, ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏସ୍‌ଏମ୍‌ଏସ୍ (ଆଇବି) ସାର୍ଥକ ମହାନ୍ତି, ଏସ୍‌ଏମ୍‌ଏସ୍(ଏଗ୍ରୀ) ଭାନୁମତୀ ବେହେରାଙ୍କ ସମେତ ସମସ୍ତ ବ୍ଲକର ଜୀବିକା ବିଶେଷଜ୍ଞମାନେ ସହଯୋଗ କରିଥିଲେ।

# ରାଜସ୍ୱ ନିରୀକ୍ଷକଙ୍କ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ




**ତେଲକୋଇ,୨୧।୪(ସମିସ):** ୬ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସମୂହ କାର୍ଯ୍ୟବନ୍ଦ୍ ଆନ୍ଦୋଳନ ଡାକରାରେ କେନ୍ଦୁଝର ଜିଲ୍ଲା ତେଲକୋଇ ତହସିଲ ସମସ୍ତ ଆରଆଇ, ଏଆରଆଇ ଓ ଆରଏସମାନେ ସମୂହ କାର୍ଯ୍ୟବନ୍ଦ୍ ଆନ୍ଦୋଳନ ଜାରି ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳପାଇଁ କାର୍ଯ୍ୟ ବନ୍ଦ୍ ଆନ୍ଦୋଳନ ଆରମ୍ଭ ହୋଇଛି। ଜିଲ୍ଲା ଶାଖାର ତତ୍ତ୍ୱାବଧାନରେ ଆଜି ତୃତୀୟ ଦିନରେ ତେଲକୋଇ ସଂଘର ସମସ୍ତ ସଦସ୍ୟ ସମୂହ କାର୍ଯ୍ୟବନ୍ଦ୍ ଆନ୍ଦୋଳନରେ ସାମିଲ ହେବା ସହ ତେଲକୋଇ ତହସିଲ ପରିସରରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି। ଏହି ଆନ୍ଦୋଳନରେ ପ୍ରକାଶ ମହାଲିଙ୍ଗ, ତ୍ରିନାଥ ନାଏକ, ଉମାକାନ୍ତ ପାତ୍ର, ଦିଲ୍ଲୀପ କୁମାର ସାହୁ, ରଶ୍ମିତା ମହାନ୍ତ, ବନଜ ମାଳିନୀ ମହାନ୍ତ, ଦୀପକ କୁମାର ହେମ୍ବ୍ରମ, ଧନେଶ୍ୱର ବାଗସିଂ ପ୍ରମୁଖ ସାମିଲ ହୋଇଛନ୍ତି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟବନ୍ଦ୍ ଆନ୍ଦୋଳନ ଯୋଗୁଁ ବିଭିନ୍ନ କାମ ପାଇଁ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**ମାଛ ଧରିବାକୁ ଯାଇ ନିଖୋଜ ଘଟଣା**

# ତିନିଦିନ ପରେ ମୃତଦେହ ଉଦ୍ଧାର

**ବଡ଼ବିଲ,୨୧।୨(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା କାରୋ ନଦୀକୁ ଗତ ରବିବାର ମାଛ ଧରିବାକୁ ଯାଇ ନିଖୋଜ ହୋଇଯାଇ ଥିବା ଯୁବକଙ୍କ ମୃତଦେହ ତିନିଦିନ ପରେ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ବଡ଼ବିଲ ଥାନା ଅନ୍ତର୍ଗତ ହାୟରପୁର ଗ୍ରାମର କିଛି ପିଲା ସ୍ଥାନୀୟ କାରୋ ନଦୀକୁ ମାଛ ଧରିବାକୁ ଯାଇଥିବାବେଳେ ସେହି ଗ୍ରାମର ଦୁଲୁ ମୁଣ୍ଡ ୪୦ ନଦୀ ଭିତରୁ କେଉଁ ଆଡେ ନିଖୋଜ ହେଇଯାଇଥିଲେ, ତେବେ ବଡ଼ବିଲ ପୁଲିସ ଓ ଅଗ୍ନିଶମ ସେବା ବାହିନୀ ତିନିଦିନ ପର୍ଯ୍ୟନ୍ତ ବହୁ ଖୋଜା ଖୋଜି କରି ପାଇନଥିଲେ। ବୁଧବାର ସକାଳୁ ମୃତଦେହ ପାଣିରେ ଭାସୁଥିବା ଦେଖି ସ୍ଥାନୀୟଲୋକ ବଡ଼ବିଲ ପୁଲିସକୁ ସୂଚନା ଦେବାପରେ ପୁଲିସ ଓ ଅଗ୍ନିଶମ ସେବା ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବଡ଼ବିଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପାଠାଇଛି।

# ଲଘୁ ଖଣିଜ ମଣ୍ଡଳ କାର୍ଯ୍ୟାଳୟ ଉଦ୍‌ଘାଟିତ

**କେନ୍ଦୁଝର,୨୧। ୨(ସମିସ):** କେନ୍ଦୁଝର ସଦର ତହସିଲ ଅଧୀନ ନରଣପୁରଠାରେ ଲଘୁ ଖଣିଜ ମଣ୍ଡଳର ଖଣି ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଛି। କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ଲଳିତ ସରେଙ୍ଗ ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ନୂତନ କାର୍ଯ୍ୟାଳୟ ଖୋଲିବା ପରେ କେନ୍ଦୁଝର ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ଚୋରି ଉପରେ ଅଙ୍କୁଶ ଲାଗିବା ସହିତ ସରକାରଙ୍କ ରାଜସ୍ୱ ବୃଦ୍ଧି ପାଇବ। ଲଘୁ ଖଣିଜମଣ୍ଡଳ ଖଣି ଅଧିକାରୀଙ୍କ କାର୍ଯ୍ୟାଳୟରେ ସଦର, ଆନନ୍ଦପୁର ଏବଂ ଚମ୍ପୁଆ ଉପଖଣ୍ଡର ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦୁଝର ସର୍କଲ ଖଣି ଉପ ନିର୍ଦ୍ଦେଶକ ବିଷ୍ଣୁପଦ ରାଉତ, ସଦର ଉପଖଣ୍ଡର ଖଣି ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ, ଆନନ୍ଦପୁର ଉପଖଣ୍ଡର ଖଣି ଅଧିକାରୀ ତାରିଣୀ କୁମାର ସିଂ,ଚମ୍ପୁଆ ଉପଖଣ୍ଡ ଖଣି ଅଧିକାରିଣୀ ସୁପ୍ରଭା ନାଏକ, କନିଷ୍ଠ ଖଣି ଅଧିକାରୀ ପଦ୍ମନାଭ ହୋତା, ସୁରଜ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ଧୋବାକୁଟୁଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନାରଦପୁର,୨୧।୨(ସମିସ):** ଯୋଡ଼ା ବ୍ଲକ୍ ଧୋବାକୁଟୁଡ଼ା ଆଶ୍ରମ ବିଦ୍ୟାଳୟରେ ଆଜି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରବିଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମଙ୍ଗଳ ଅଧିକାରୀ ଚମ୍ପୁଆ ଅକ୍ଷୟ କୁମାର ପିଙ୍ଗୁଆ, ସମ୍ମାନିତ ଅତିଥି ଭାବେ ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାଏକ, ଶକୁନ୍ତଳା ନାଏକ, ଅର୍ଜୁନ ଚରଣ ବେହେରା, ପୂର୍ଣ୍ଣଚନ୍ଦ୍ର ନାଏକ, ପ୍ରଭାକର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ମହାନ୍ତ, ଶ୍ରୀକାନ୍ତ ନାଏକ, ତୋପି ଚନ୍ଦନ ନାଏକ, ସବିତା ନାଏକ, ବନବାସୀ ନାଏକ, ଝରଣା ମହାନ୍ତ, ସବିତା ନାଏକ ଉପସ୍ଥିତ ଥିଲେ।

# ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ତରଫରୁ ପ୍ରୋତ୍ସାହନ ରାଶି ପ୍ରଦାନ

**କେନ୍ଦୁଝର,୨୧। ୨ (ସମିସ):** ଓଡିଶା ସରକାରଙ୍କ ସଂଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ ତରଫରୁ 'ଏଟି' ସିରିଜ୍ ପ୍ରୋତ୍ସାହନ ରାଶି ଉଠାଣ ଗତ ତା ୧୩.୯.୨୦୨୩ ରିଖରେ ହୋଇଥିଲା। ଉକ୍ତ ଉଠାଣରେ କେନ୍ଦୁଝର ଜିଲ୍ଲାର ଶିରିଆ ସେଠୀ ପଞ୍ଚମ ପୁରସ୍କାର ବାବଦରେ ୫୦ ହଜାର ଟଙ୍କା ଏବଂ ଶାନ୍ତିଲତା ସାହୁ ଷଷ୍ଠ ପୁରସ୍କାର ବାବଦରେ ୨୫ ହଜାର ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଚଳିତ ଫେବୃଆରୀ ୨୧ ତାରିଖ ବୁଧବାର ଦିନ ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ ଉକ୍ତ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ରାଶି ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରଦାନ କରିଥିଲେ। ଉକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କାର୍ଯ୍ୟକ୍ରମରେ ସହକାରୀ ନିର୍ଦ୍ଦେଶକ ସଂଚୟ ଓ ଆର୍ଥିକ ସେବା କେନ୍ଦୁଝର ଶିରପାଣି ନାୟକ,କର୍ମଚାରୀ ଦିବସ ରଞ୍ଜନ ସେଠୀ,ଅଭିକର୍ତ୍ତା ନୃସିଂହ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ୯ ଜଣ ବ୍ୟକ୍ତିଙ୍କୁ ସପ୍ତମ ପୁରସ୍କାର ବାବଦରେ ୧୦ ହଜାର ଟଙ୍କା ଲେଖାଏଁ ଏବଂ ଅଷ୍ଟମ ପୁରସ୍କାର ବାବଦରେ ୮୩ ଜଣ ବ୍ୟକ୍ତିଙ୍କୁ ୪ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

# ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର




**ଆନନ୍ଦପୁର,୨୧।୨(ସମିସ):** ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସହରାଞ୍ଚଳ ବିକାଶ ଲାଗି ଆଜି ସଚେତନତା ଶିବିର ଅନୁଷ୍ଠିତ ହୋଇଛି ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି ଶିବିରକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ସଂଯୋଜନାରେ ପୌର ଅଧ୍ୟକ୍ଷା ରଜନୀରାଣୀ ଖଟୁଆ ଉଦ୍‌ଘାଟନ କରିଥିଲେ। ପୌରପାଳିକାର ଭାଗ୍ୟଶ୍ରୀ ମହାପାତ୍ର ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ସଭାରେ ଉପାଧ୍ୟକ୍ଷ ଦୁର୍ଗା ଚରଣ ଦଳେଇ, ବିଜୁ ଜନତା ଦଳ ନାରୀ ନେତ୍ରୀ ଆରତି ସି, ମମତାରାଣୀ ଜେନା, କାଉନସିଲର ନିବେଦିତା ବେହେରା, ରଶ୍ମିତା ବାରି, ମଣିଲତା ରାମ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ସହରାଞ୍ଚଳ ମିଶନ ଶକ୍ତି ଅଧିକାରୀ ସୀମାଞ୍ଚଳ ନାୟକ, ମୁକ୍ତା ଯୋଜନା ଅଧିକାରୀ ଆର୍ଯ୍ୟ ଦେବବ୍ରତ ସାମଲ, ସ୍ୱଚ୍ଛସାଥୀ ସଂଗୀତା ଦଳେଇ, ଜୟନ୍ତୀ ସେନାପତି , କନକଲତା ସାହୁ, କିରଣ ମିଶ୍ର, ଶ୍ରଦ୍ଧାଞ୍ଜଳି ସାହୁ, ସରୋଜିନୀ ଜେନା, ସତ୍ୟଭାମା ସାହୁ, ପୁଷ୍ପଲତା ସିହ୍ନା, ସଂଯୁକ୍ତା ସେନ୍, ରଞ୍ଜିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୩ ଦିନରେ ପହଞ୍ଚିଲା କାର୍ଯ୍ୟବନ୍ଦ ଆନ୍ଦୋଳନ




**ବାଲିବନ୍ଧ,୨୧। ୨ (ସମିସ):** ରାଜସ୍ୱ ନିରୀକ୍ଷକମାନେ ୬ଦଫା ଦାବି ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ତୃତୀୟ ଦିନରେ ପହଁଛି। ଝୁମ୍ପୁରା ତହସିଲ କାର୍ଯ୍ୟାଳୟ ଅଧୀନରେ ଥିବା ଝୁମ୍ପୁରା, ବାଲିବନ୍ଧ, ମଲଦା, ଗୁମୁରା, ଉଖୁଣ୍ଡା, ଚଉଠିଆ ଏବଂ ବଡଡୁମୁରିଆ ମୋଟ ୭ଟି ରାଜସ୍ୱ କାର୍ଯ୍ୟାଳୟରେ କାର୍ଯ୍ୟବନ୍ଦ ଯୋଗୁଁ ଅଚଳାବସ୍ଥା ସୃଷ୍ଟି ହୋଇଛି। ଆନ୍ଦୋଳନରେ ସୁପରଭାଇଜର ସୁଶିଲ କୁମାର ମହାନ୍ତ, ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ଦ୍ୱିବେଦୀ, ଜ୍ଞାନରଞ୍ଜନ ପାତ୍ର, ନିରଞ୍ଜନ ବେହେରା, ଅଜୟ କୁମାର ଦାସ, ନିବେଦିତା ନାୟକ, ରାଜଜେଶ କୁମାର ମହାନ୍ତ, ସାବିତ୍ରୀ ତରାଇ ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି।

# ପୁଲିସ ଉପରେ ଗାଡ଼ି ଚଢ଼ାଇବାକୁ ଉଦ୍ୟମ କରି ୨ ଗିରଫ

## ଅଳ୍ପକେ ବର୍ତ୍ତିଗଲେ ଆଇଆଇସି ଓ ଅନ୍ୟ କର୍ମଚାରୀ



**ତୁରୁମୁଙ୍ଗା,୨୧।୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ମଙ୍ଗଳବାର ରାତିରେ ପରଟ୍ରୋଲିଂ କରୁଥିବା ସମୟରେ ୪୯ ନମ୍ବର ଜାତୀୟ ରାଜପଥର ବାଉଁଶୁଳଳ ଛକ ନିକଟର ଏକ ସ୍କୋର୍ପିଓ ଦ୍ରୁତଗତିରେ ଆସି ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଏଏସ୍‌ଆଇ ସୁଜାତା ମହାନ୍ତଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀଙ୍କୁ ଗାଡ଼ି ଚଢ଼ାଇବାକୁ ଉଦ୍ୟମ କରି ଶରଧାପୁର ରାସ୍ତାଦେଇ ପାଟଣାପଟକୁ ପଳାଇ ଯାଉଥିଲା। ପୁଲିସ ପାଟଣା ଥାନା ଟାଙ୍ଗରପଡା ନିକଟର ନାକାବନ୍ଦୀ କରାଯାଇ ସନ୍ଦିଗ୍ଧ ଗାଡିକୁ ଅଟକ ରଖିବା ସହ ଦୁଇଜଣଙ୍କୁ ପୁଲିସ ଧରିଥିଲା। ଅନ୍ୟମାନେ ରାତିଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇ ଥିଲେ । ତେବେ ଅଟକ ରଖିଥିବା ସ୍କୋର୍ପିଓ ଗାଡି ଭିତରୁରୁ ରଶିସହ ପାଳ ଥିବା ଦେଖିବାକୁ ମଳିଥିବାବେଳେ ଏହି ଗାଡିରେ ଗୋ ଚାଲାଣ କରା ଯାଉଥିବା ପୁଲିସ ସନ୍ଦେହ କରି ଗାଡ଼ିକୁ ଜବତ କରି ଦୁଇ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ମୟୁରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ଅଞ୍ଚଳର ଏମ୍ ଡି ସହାନାଜ୍ (୨୬) ଏବଂ ଯଶୀପୁର ଥାନା ଅଞ୍ଚଳର ଏସ୍,କେ ଆଜରୁଲ (୩୩)। ଏନେଇ ତୁରୁମୁଙ୍ଗା ଥାନାରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ରସାନନ୍ଦ ନାୟକ ତଦନ୍ତ କରୁଛନ୍ତି।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ବନ୍ଧୁମିଳନ




**ଢେଙ୍କିକୋଟ, ୨୧ । ୨ (ସମିସ):** ଘଟଗାଁ ବ୍ଲକ ଜିଲ୍ଲା ପାର୍କ ଚିକିଣିଆ ଠାରେ ବ୍ଲକସ୍ଥରୀୟ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଛି। ଉପସଭାପତି ବଳଭଦ୍ର ମହାକୁଡ ସଭାପତିତ୍ୱ କରିଥିଲେ। ସଭାପତି ଯଦୁମଣି ବେହେରା,ସମ୍ପାଦକ ଦିଲ୍ଲୀପ ବେଜ୍, କୁଷାଧକ୍ଷ ମନ୍ମଥ ପ୍ରଧାନ, ଦୋଳଗୋବିନ୍ଦ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକ, ରମେଶ ନାୟକ, କୀର୍ତ୍ତନ ମହାନ୍ତ, ବୈକୁଣ୍ଠ ମହାନ୍ତ, ଦୀପକ ଜେନା, ମାନ ଭଞ୍ଜନ ଦାସ, ଧରଣୀଧର ଗିରି, ଦୁଃଖବନ୍ଧୁ ବାରିକ ସମେତ ୫୦ରୁ ଅଧିକବ୍ୟକ୍ତି ବନ୍ଧୁ ମିଳନ ରେ ସାମିଲ ହୋଇ ଥିଲେ।

